ଆଜି - ରବିବାର
ତାରିଖ - ୨୮ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୧୪
ତିଥି - ଚତୁର୍ଦ୍ଦଶୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଜ୍ୟେଷ୍ଠା, ବିଛା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୪: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ଜଣେ ନିଜେ ଠିକ୍ ଥିଲେ ତାଙ୍କୁ ନିନ୍ଦା କି ପ୍ରଶଂସା, କିଛିହେଲେ ବିଚଳିତ କରି ପାରିବ ନାହିଁ, କାରଣ ସେ କ'ଣ, ତାହା ସେ ଜାଣିଥିବେ ।"

- ମଦର ଟେରେସା

E-News : www.Ajikali epaper.com

Vol.- 41 ISSUE- 75 R.N.I. REGD. No. 44026/86 ବାଲେଶ୍ୱର ୨୮ ଜୁନ୍ ୨୦୨୬ ରବିବାର BALASORE 28 JUNE 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

## ଅନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ ୨୦୨୬ ପାଳନ ସମାରୋହରେ ଯୋଗ ଦେଲେ ଉପ ରାଷ୍ଟ୍ରପତି

ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ଶ୍ରୀ ସି.ପି.ରାଧାକୃଷ୍ଣନ୍ ଆଜି ନୂଆଦିଲ୍ଲୀର ଡ. ଆମ୍ବେଦକର୍ ଅନ୍ତର୍ଜାତୀୟ କେନ୍ଦ୍ରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ ୨୦୨୬ ପାଳନ ସମାରୋହରେ ଯୋଗ ଦେଇଛନ୍ତି । ଏହି ଅବସରରେ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କେବଳ ଏକ ଅର୍ଥନୈତିକ ବର୍ଗ ନୁହେଁ, ବରଂ ଏହା ପ୍ରଥମ ପିଢ଼ିର ଉଦ୍ୟୋଗୀମାନଙ୍କ ସାହସ, ଯୁବପିଢ଼ିଙ୍କ ଆକାଂକ୍ଷା, ମହିଳା ଉଦ୍ୟୋଗୀମାନଙ୍କ ଦୃଢ଼ ସଂକଳ୍ପ ଏବଂ ଆହ୍ୱାନକୁ ସୁଯୋଗରେ ପରିଣତ କରିଥିବା କୋଟି କୋଟି କ୍ଷୁଦ୍ର ବ୍ୟବସାୟର ସାମର୍ଥ୍ୟକୁ ପ୍ରତିଫଳିତ କରେ । 'ବିକଶିତ ଭାରତ ଅ୨୦୪୭' ଆଡ଼କୁ ଭାରତର ଯାତ୍ରା ଏକ ସମୃଦ୍ଧ ଏବଂ ଗତିଶୀଳ ଏମଏସଏମଇ କ୍ଷେତ୍ର ଦ୍ୱାରା ହିଁ ଚାଳିତ ହେବ ବୋଲି ସେ କହିଥିଲେ । ନିଜର ଉଦ୍ୟୋଗୀ ଯାତ୍ରାର ଅଭିଜ୍ଞତା ବାଂଟି ଉପରାଷ୍ଟ୍ରପତି କହିଥିଲେ ଯେ, ସ୍ନାତକ ସମାପ୍ତ କରିବା ପରେ ସେ ନିଜ ପିତାଙ୍କ ଆର୍ଥିକ ସହାୟତାରେ ଏକ ଛୋଟ ପୋଷାକ ବ୍ୟବସାୟ ଆରମ୍ଭ କରିଥିଲେ । ପ୍ରାରମ୍ଭିକ ବର୍ଷଗୁଡ଼ିକର ପ୍ରତିବନ୍ଧକଗୁଡ଼ିକୁ



ମନେ ପକାଇ ସେ କହିଥିଲେ ଯେ, ଜନସେବାରେ ପ୍ରବେଶ କରିବା ପୂର୍ବରୁ ଅଧ୍ୟବସାୟ, ନିରନ୍ତର ଶିକ୍ଷା ଏବଂ କଠିନ ପରିଶ୍ରମ ହିଁ ତାଙ୍କୁ ଏକ ଅଗ୍ରଣୀ ଓ ଗୁଣାତ୍ମକ ପୋଷାକ ରପ୍ତାନି ବ୍ୟବସାୟ ପ୍ରତିଷ୍ଠା କରିବାରେ ସକ୍ଷମ କରିଥିଲା । ସେ ଯୁବ ଉଦ୍ୟୋଗୀମାନଙ୍କୁ ପ୍ରାରମ୍ଭିକ ଆସୁଥିବା ପ୍ରତିବନ୍ଧକଗୁଡ଼ିକୁ ନେଇ ନିରାଶ ନହେବାକୁ ଏବଂ ନିଜ ବ୍ୟବସାୟର କୌଶଳ ଶିଖିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ । କଏର ବୋର୍ଡର ଅଧ୍ୟକ୍ଷ ଭାବେ ନିଜର କାର୍ଯ୍ୟକାଳକୁ ମନେ ପକାଇ ଶ୍ରୀ ରାଧାକ୍ରିଷ୍ଣନ କହିଥିଲେ ଯେ, ଏହି କ୍ଷେତ୍ର ବିଷୟରେ ପୂର୍ବରୁ ତାଙ୍କର ବିଶେଷ ଜ୍ଞାନ ନଥିଲା, କିନ୍ତୁ ଏହାର ପ୍ରତ୍ୟେକ ଦିଗକୁ ବୁଝିବାରେ ନିଜକୁ ସେ ସମ୍ପୂର୍ଣ୍ଣ ନିୟୋଜିତ କରିଥିଲେ । ରପ୍ତାନିକାରୀମାନଙ୍କ ସହ ଘନିଷ୍ଠ ଭାବେ ମିଶି କାର୍ଯ୍ୟ କରିବା ଏବଂ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିବା ଦ୍ୱାରା ଏହି କ୍ଷେତ୍ର ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିପାରିଥିଲା । ସେ କହିଛନ୍ତି, 'ଯଦି ଆପଣ କିଛି ହାସଲ କରିବାକୁ ସ୍ଥିର କରନ୍ତି, କଠିନ ପରିଶ୍ରମ କରନ୍ତି ଏବଂ ନିଜ କ୍ଷେତ୍ର ବିଷୟରେ ସବୁକିଛି ଶିଖନ୍ତି, ତେବେ ସଫଳତା ନିଶ୍ଚିତ ଭାବେ ମିଳିପାରିବ । ଗୁଣବତାର ଗୁରୁତ୍ୱ ଉପରେ ଜୋର ଦେଇ ଉପରାଷ୍ଟ୍ରପତି କହିଥିଲେ ଯେ ଗୁଣବତାର ମାନଦଣ୍ଡ ସହିତ କୌଣସି ଆପୋଷ ବୁଝାମଣା କରାଯାଇପାରିବ ନାହିଁ । ଉତ୍ପାଦନ ଖର୍ଚ୍ଚ କମାଇବାକୁ ଯାଇ କେବେ ବି ଗୁଣବତାକୁ ହ୍ରାସ କରାଯିବା ଉଚିତ ନୁହେଁ । ସେ କହିଥିଲେ, 'ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ଉତ୍କୃଷ୍ଟ ଗୁଣବତା ଏବଂ ଉତମ ସେବା ବଜାୟ ରଖିବା ସହିତ ଖର୍ଚ୍ଚ କମାଇବା ମଧ୍ୟରେ ହିଁ ପ୍ରକୃତ ସଫଳତା ନିହିତ ଥାଏ । କ୍ରମବର୍ଦ୍ଧିଷ୍ଣୁ ପ୍ରତିଯୋଗିତାମୂଳକ ବିଶ୍ୱ ବଜାରରେ ବ୍ୟବସାୟକୁ ତିଷ୍ଠି ରଖିବା ପାଇଁ ଗୁଣବତା ହିଁ ଏକମାତ୍ର ଚାବିକାଠି' । ଉପରାଷ୍ଟ୍ରପତି କହିଥିଲେ ଯେ ପ୍ରତ୍ୟେକ ଲଘୁ ଉଦ୍ୟୋଗ ଏକ କ୍ଷୁଦ୍ର ଉଦ୍ୟୋଗରେ ଏବଂ ପ୍ରତ୍ୟେକ କ୍ଷୁଦ୍ର ଉଦ୍ୟୋଗ ଏକ ମଧ୍ୟମ ଉଦ୍ୟୋଗରେ ପରିଣତ ହେବା ହେବା ପାଇଁ ଆକାଂକ୍ଷା ରଖିବା ଉଚିତ । କୁଟୀର ଶିଳ୍ପରେ ଆରମ୍ଭ କରୁଥିବା ଉଦ୍ୟୋଗୀମାନେ ସବୁବେଳେ ସେହି ସ୍ତରରେ ରହିଯିବା ଉଚିତ ନୁହେଁ । ଏହି ପରିବର୍ତ୍ତନକୁ ସୁଗମ କରିବା ପାଇଁ ସେ ପର୍ଯ୍ୟାପ୍ତ ନିବେଶ, ନୀତିଗତ ସମର୍ଥନ ଏବଂ ସହଜ ପାଣ୍ଠି ଉପଲବ୍ଧତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଉପରାଷ୍ଟ୍ରପତି ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟକୁ ଏମଏସଏମଇଗୁଡ଼ିକର ସାର୍ବଜନୀନ ପଞ୍ଜୀକରଣକୁ ଉତ୍ସାହିତ କରିବାକୁ ଅନୁରୋଧ କରିଥିଲେ ।

## ତିନି ଦିନିଆ ସେଚେଲ୍ସ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବିବୃତି

ନୂଆଦିଲ୍ଲୀ : ସେଚେଲ୍ସର ରାଷ୍ଟ୍ରପତି, ମୋର ବନ୍ଧୁ ଡକ୍ଟର ପାଟ୍ରିକ ହର୍ମିନିଙ୍କ ନିମନ୍ତ୍ରଣରେ, ସେଚେଲ୍ସର ଜାତୀୟ ଦିବସର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ମାନିତ ଅତିଥି ଭାବରେ ଅଂଶଗ୍ରହଣ କରିବା ପାଇଁ ମୁଁ ୨୭-୨୯ ଜୁନ୍ ୨୦୨୬ ପର୍ଯ୍ୟନ୍ତ ସେଚେଲ୍ସ ଗସ୍ତ କରିବି । ସେଚେଲ୍ସ ଆମର ଜଣେ ପ୍ରମୁଖ ସାମୁଦ୍ରିକ ପଡ଼ୋଶୀ ଏବଂ 'ଭିଜନ୍ ମହାସାଗର' ତଥା 'ଗ୍ଲୋବାଲ ସାଉଥ' ପ୍ରତି ଆମର ମିଳିତ ପ୍ରତିବଦ୍ଧତାର ଏକ ପ୍ରମୁଖ ଅଂଶୀଦାର । ଚଳିତ ବର୍ଷ, ଆମେ ଆମର କୂଟନୈତିକ ସମ୍ପର୍କ ସ୍ଥାପନର ୫୦ତମ ବାର୍ଷିକୀ ମଧ୍ୟ ପାଳନ କରୁଛୁ ଯାହା ପାରସ୍ପରିକ ବିଶ୍ୱାସ, ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧ, ବିବିଧତା ପ୍ରତି ସମ୍ମାନ ଏବଂ ଆମ ଲୋକଙ୍କ ମଧ୍ୟରେ ଗଭୀର ସମ୍ପର୍କ ଉପରେ ଆଧାରିତ । ଫେବୃଆରୀ ୨୦୨୬ରେ ରାଷ୍ଟ୍ରପତି ହର୍ମିନିଙ୍କ ସଫଳ ଭାରତ ଗସ୍ତ ପରେ, ମୁଁ ଆମର ସ୍ଥାୟୀ ବନ୍ଧୁତାକୁ ଆହୁରି ମଜବୁତ କରିବା ଲକ୍ଷ୍ୟରେ ଆଗକୁ ହେବାକୁ ଥିବା ଆଲୋଚନା ପାଇଁ ଆଗ୍ରହୀ ରହିଛି । ଆମ ଲୋକମାନଙ୍କ ପ୍ରଗତିକୁ ଆଗକୁ ବଢ଼ାଇବା ଏବଂ ହିନ୍ଦ ମହାସାଗର କ୍ଷେତ୍ରରେ ସୁରକ୍ଷା ତଥା ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ଏକତ୍ର କାର୍ଯ୍ୟ କରିବୁ । ଏହି ଗସ୍ତ ସମୟରେ, ମୋତେ ସେଚେଲ୍ସର



ନ୍ୟାଶନାଲ ଆସେମ୍ବ୍ଲିକୁ ସମ୍ବୋଧିତ କରିବାରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହେବାର ଗୌରବ ପ୍ରାପ୍ତ ହେବ । ଏହି ଐତିହାସିକ ସୁଯୋଗ ଦୁଇ ରାଷ୍ଟ୍ରକୁ ବାନ୍ଧି ରଖୁଥିବା ଦୃଢ଼ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସଂସଦୀୟ ପରମ୍ପରାକୁ ପ୍ରତିଫଳିତ କରେ । ମୁଁ ସେଚେଲ୍ସରେ ଥିବା ଉତ୍ସାହୀ ଭାରତୀୟ ସମ୍ପ୍ରଦାୟ ସହିତ ଆଲୋଚନା କରିବାକୁ ମଧ୍ୟ ଆଗ୍ରହୀ ରହିଛି । ସେମାନେ ପିଢ଼ି ପରେ ପିଢ଼ି ଧରି ଭାରତ ଏବଂ ସେଚେଲ୍ସ ମଧ୍ୟରେ ସ୍ୱତନ୍ତ୍ର ବନ୍ଧୁତାକୁ ପୋଷଣ କରିଆସୁଛନ୍ତି ଏବଂ ଆମ ଦୁଇ ରାଷ୍ଟ୍ର ମଧ୍ୟରେ ଏକ ଜୀବନ୍ତ ସେତୁ ଭାବରେ କାର୍ଯ୍ୟ କରୁଛନ୍ତି । ମୁଁ ନିଶ୍ଚିତ ଯେ ମୋର ଗସ୍ତ ଦୁଇ ଦେଶ ମଧ୍ୟରେ ଦୀର୍ଘକାଳୀନ ସମ୍ପର୍କକୁ ଆହୁରି ନିବିଡ଼ କରିବ । ଭାରତ ମହାସାଗର କ୍ଷେତ୍ରରେ ସାମୁଦ୍ରିକ ସହଯୋଗ ବୃଦ୍ଧି କରିବ ଏବଂ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ତଥା ସମୃଦ୍ଧ ଭାରତ ମହାସାଗର କ୍ଷେତ୍ରର ଆମର ସମାନ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବ । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ) ପକ୍ଷରୁ ପ୍ରକାଶିତ ବିବୃତି ଅନୁସାରେ, ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ସେସେଲ୍ସ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଡ଼ୋଶୀ ଦେଶ ଏବଂ 'ମହାସାଗର' ଦୃଷ୍ଟିକୋଣ ତଥା ବିଶ୍ୱ ଦକ୍ଷିଣ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାର ଏକ ପ୍ରମୁଖ ଅଂଶୀଦାର । ସେ କହିଛନ୍ତି ଯେ, ଚଳିତ ବର୍ଷ ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୫୦ତମ ବାର୍ଷିକୀ ପାଳନ କରାଯାଉଛି, ଯାହା ପରସ୍ପର ବିଶ୍ୱାସ, ସାଧାରଣ ଗଣତାନ୍ତ୍ରିକ ମୂଲ୍ୟବୋଧ, ବିବିଧତା ପ୍ରତି ସମ୍ମାନ ଏବଂ ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ଥିବା ଆତ୍ମୀୟ ସମ୍ପର୍କ ଉପରେ ଆଧାରିତ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଫେବୃଆରୀ ୨୦୨୬ରେ ରାଷ୍ଟ୍ରପତି ଡ. ପାଟ୍ରିକ୍ ହର୍ମିନିଙ୍କ ସଫଳ ଭାରତ ଗସ୍ତ ପରେ ଦୁଇ ଦେଶର ଚିରସ୍ଥାୟୀ ବନ୍ଧୁତ୍ୱକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ହେବାକୁ ଥିବା ଆଲୋଚନାକୁ ନେଇ ସେ ଆଶାବାଦୀ ଅଛନ୍ତି । ଉଭୟ ଦେଶ ନିଜ ନିଜ ନାଗରିକଙ୍କ କଲ୍ୟାଣ, ଉନ୍ନତି ଏବଂ ହିନ୍ଦ ମହାସାଗର ଅଂଚଳରେ ସୁରକ୍ଷା ଓ ସମୃଦ୍ଧି ବୃଦ୍ଧି ପାଇଁ ମିଳିତ ଭାବେ କାର୍ଯ୍ୟ କରିବେ । ସେ ଆହୁରି କହିଛନ୍ତି ଯେ, ଏହି ଗସ୍ତ ସମୟରେ ସେସେଲ୍ସର ଜାତୀୟ ବିଧାନସଭାକୁ ସମ୍ବୋଧିତ କରିବାର ସୁଯୋଗ ମିଳିବା ତାଙ୍କ ପାଇଁ ଏକ ଐତିହାସିକ ଗୌରବର ବିଷୟ । ଏହା ଉଭୟ ଦେଶ ମଧ୍ୟରେ ଥିବା ଦୃଢ଼ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସଂସଦୀୟ ପରମ୍ପରାର ପ୍ରତିଫଳନ ବୋଲି ସେ ଉଲ୍ଲେଖ କରିଛନ୍ତି ।

## ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି । ନୀତି ଆୟୋଗର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍‌ଫର୍ମ' ( ୱୁମେନ ଏଂଟରପ୍ରୋନ୍ୟୋରସିପ ପ୍ଲାଟଫର୍ମ ଓଡ଼ିଶା ଚାପ୍ଟର ) କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହା-ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଂଟରରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମଏସଏମଇ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ, ବିଭିନ୍ନ



ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହାର ଏକ ବର୍ଷର ଆକ୍ସନ ପ୍ଲାନ୍ ର ମଧ୍ୟ ଶୁଭାରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତିକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା'ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆଜି ଏକ କୋଟିରୁ ଅଧିକ ମହିଳା ଏହି ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି । ଆଇଆଇଏମ ସମ୍ବଲପୁର, ଏସବିଆଇ ଏବଂ ଏଆଇ ଭଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି । ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ମଧ୍ୟ ୬,୮୭ ଟଙ୍କା ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତ ପ୍ଲାଟଫର୍ମ ଜରିଆରେ ମିଶନ ଶକ୍ତି, ଏମଏସଏମଇ, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିକ୍ଷ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଂଟରସିପ୍ ଓ ସ୍କିଲ୍ ଡେଭଲପ୍‌ମେଂଟ ଆଦି ସମସ୍ତ ସୁବିଧା ଗୋଟିଏ ମଂଚରେ ଯୋଗାଇ ଦିଆଯିବ । ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ପାର୍ଟନରସିପ୍ ଓ କୋଲାବରେସନ୍ ମଧ୍ୟ ଆଜି ଆରମ୍ଭ କରାଯାଇଛି । ରାଜ୍ୟର ଅର୍ଥନୈତିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କୁ ମୂଳ ଇଞ୍ଜିନ୍ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତିଭୂମି ବିକାଶ ପାଇଁ ଅନେକ ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି । ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର'ର ଉଦ୍‌ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ ।

## ଗୁଜୁରାଟ ପାଇଁ ସମବାୟ ଭିତିକ ଗତିଶୀଳତା ପ୍ଲାଟଫର୍ମ ଭାରତ ଟ୍ୟାକ୍ସି ଲଂଚ କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଗୁଜୁରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିର ସମ୍ମିଳନୀ ଏବଂ ପ୍ରଦର୍ଶନୀ କେନ୍ଦ୍ରରେ ଗୁଜୁରାଟ ପାଇଁ ସମବାୟ ଭିତିକ ଗତିଶୀଳତା ପ୍ଲାଟଫର୍ମ 'ଭାରତ ଟ୍ୟାକ୍ସି' ଲଂଚ କରିଛନ୍ତି । ଭାରତ ଟ୍ୟାକ୍ସିର ଲକ୍ଷ୍ୟ ହେଉଛି ଟ୍ୟାକ୍ସି, ଅଟୋ ଏବଂ ଦୁଇଚକିଆ ଯାନ ଗତିଶୀଳତା ସେବାରେ ନିୟୋଜିତ ସାରଥିମାନଙ୍କୁ ମାଲିକାନା ଅଂଶୀଦାର, ସମ୍ମାନ, ସୁରକ୍ଷା ଏବଂ ସମୃଦ୍ଧି ସହିତ ସଂଯୋଗ କରିବା, ନାଗରିକମାନଙ୍କୁ ନିର୍ଭରଯୋଗ୍ୟ ଏବଂ ସେବା-ମୁଖୀ ପରିବହନ ସୁବିଧା ପ୍ରଦାନ କରିବା । ଏହି କାର୍ଯ୍ୟକ୍ରମରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ରଭାଇ ପଟେଲ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ହର୍ଷ ସଂଘଭି, ଗୁଜରାଟର ସମବାୟ ମନ୍ତ୍ରୀ ଶ୍ରୀ ଜିତୁଭାଇ ଭାଗାନି, ଗୁଜରାଟର ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରମେଶଭାଇ କଟାରା, ସମବାୟ ମନ୍ତ୍ରଣାଳୟର ସଚିବ ଡକ୍ଟର ଆଶିଷ କୁମାର ଭୁଟାନି,



ଗୁଜରାଟର ମୁଖ୍ୟ ସଚିବ ଶ୍ରୀ ମନୋଜ ଦାସ, ଭାରତ ଟ୍ୟାକ୍ସିର ଅଧ୍ୟକ୍ଷ ଡକ୍ଟର ଜୟେନ ମେହେତା, ସମବାୟ କ୍ଷେତ୍ରର ବରିଷ୍ଠ ପ୍ରତିନିଧି, ଅଧିକାରୀ ଏବଂ ବହୁ ସଂଖ୍ୟକ ସାରଥି ଉପସ୍ଥିତ ଥିଲେ । ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଥିଲେ ଯେ ଆଜି ଭାରତର ଗତିଶୀଳତା କ୍ଷେତ୍ର ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ । ସେ କହିଥିଲେ ଯେ ଦେଶର ବିକାଶ ସହିତ, ଟ୍ୟାକ୍ସି ଏବଂ ପରିବହନ ସେବାର ଆବଶ୍ୟକତା ପ୍ରତ୍ୟେକ ଘରେ ପହଂଚିଛି । ଟ୍ୟାକ୍ସିର ଧାରଣା ଆଉ ଚାରି ଚକିଆ ଯାନ ପର୍ଯ୍ୟନ୍ତ ସୀମିତ ନାହିଁ; ଦୁଇ ଚକିଆ ଯାନ, ଅଟୋ ଏବଂ ଅନ୍ୟାନ୍ୟ ସହରାଂଚଳ ପରିବହନ ସେବା ମଧ୍ୟ ଏହାର ଅଂଶ ପାଲଟିଛି । ଗୁଜରାଟରେ 'ଭାରତ ଟ୍ୟାକ୍ସି'ର ଶୁଭାରମ୍ଭ ସହଯୋଗ ମାଧ୍ୟମରେ ଏହି ବ୍ୟାପକ ଗତିଶୀଳତା ଆବଶ୍ୟକତାକୁ ଏକ ନୂତନ ଦିଗଦର୍ଶନ ଦେବା ଦିଗରେ ଏକ ପଦକ୍ଷେପ । ଶ୍ରୀ ଅମିତ ଶାହ କହିଛନ୍ତି ଯେ ଅନ୍ୟ କମ୍ପାନୀଗୁଡ଼ିକ ଯାନବାହାନ ଚଲାଉଥିବା ଲୋକଙ୍କୁ ଡ୍ରାଇଭର ଭାବରେ ବିବେଚନା କରନ୍ତି, କିନ୍ତୁ ଭାରତ ଟ୍ୟାକ୍ସି ସେମାନଙ୍କୁ 'ସାରଥି' ବୋଲି ବିବେଚନା କରନ୍ତି । ସେ କହିଛନ୍ତି ଯେ ଏହା କେବଳ ଶବ୍ଦର ପାର୍ଥକ୍ୟ ନୁହେଁ, ବରଂ ସମଗ୍ର ପଦ୍ଧତିର ପାର୍ଥକ୍ୟ ।

# ଆଜିକାଲି କାର୍ଯ୍ୟାଳୟ ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର

ବାଲେଶ୍ୱର : ଶନିବାର ନଗର ଉନ୍ନୟନ, ଗୃହ ଓ ପୌର ବ୍ୟାପାର ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ବାଲେଶ୍ୱର ଗୋପାଳଗାଁ ସ୍ଥିତ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଆଜିକାଲି ଦୈନିକ ଖବରକାଗଜ ବାଲେଶ୍ୱର ର ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ପ୍ରଥମେ ସେ ଆଜିକାଲିର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ବିସ୍ମୟ କୁମାର ମହାନ୍ତି ଓ ବିଜୟଲକ୍ଷ୍ମୀ ମହାନ୍ତି ଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ଆଜିକାଲିର ପରିଚାଳନା ସଂପାଦକ ଡ. ଲକ୍ଷ୍ମୀନରାୟଣ ମହାନ୍ତି , ପ୍ରକାଶକ କିଶୋର ଦାସ, ସମ୍ପାଦକ ଇ.ନିର୍ମାଲ୍ୟ ମହାନ୍ତି, ଡ. ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ରାଜେନ୍ଦ୍ର କୁମାର ପଟ୍ଟନାୟକ, ରାମନାରାୟଣ ଶତପଥୀ,ପ୍ରଦୀପ



କୁମାର ମହାନ୍ତି,ଅର୍ଦ୍ଧେନ୍ଦୁ ଦାସ, ଶୁଭେନ୍ଦୁ ଦାସ, ଶଙ୍କର କୁମାର ଧୀନ୍ଦା ଏବଂ ସମସ୍ତ କର୍ମଚାରୀମାନଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିବା ସହ ଖବରକାଗଜର ସାମ୍ବାଦିକତା, ସାମାଜିକ ଦାୟିତ୍ୱ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟିରେ ଏହାର ଭୂମିକାର ପ୍ରଶଂସା କରିଥିଲେ । ପ୍ରକାଶିତ ସଂସ୍କରଣ ଗୁଡିକୁ ଅତି ସୂକ୍ଷ୍ମ ଭାବେ ଓଲଟାଇ ପ୍ରତ୍ୟେକ ପୃଷ୍ଠାର ଅବଲୋକନ କରିଥିଲେ । ଆଜିକାଲି ପରିବାର ପକ୍ଷରୁ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରାଯାଇଥିଲା । ପରିଦର୍ଶନ ସମୟରେ ସେ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଦେଖିବା ସହ କର୍ମଚାରୀମାନଙ୍କ ସହ ମତବିନିମୟ କରିଥିଲେ । ଶେଷରେ ଆଜିକାଲିର ଉତରୋତର ଉନ୍ନତି କାମନା କରିଥିଲେ ।





# ଗୁଳିମାଡ଼ ଘଟଣାରେ ଏସପିଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱରର ଯୁବ ବ୍ୟବସାୟୀ ସେକ ହମିଦଙ୍କୁ ଗୁଳିମାଡ଼ ଓ ହତ୍ୟା ଘଟଣାରେ ଶନିବାର ବିଜେଡିର ଫେକ୍ଟ ଫାଇଣ୍ଡିଂ ଟିମ୍ ଏସପିଙ୍କୁ ଭେଟିଛି । ଦିନ ଦ୍ୱି-ପ୍ରହରେ ଛାତିଥରା ଗୁଳିକାଣ୍ଡକୁ ନାପସନ୍ଦ କରିବା ସହ ବାଲେଶ୍ୱରରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ତଥା କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଛନ୍ତି । ଯଦି ସମ୍ପୃକ୍ତ ଘଟଣାରେ ୪୮ ଘଂଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଏସପି ଅଫିସ ଘେରାଓ କରିବା ନେଇ ବିଜେଡି ଚେତାବନୀ ଦେଇଛି । ଏଥିସହ ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘର ଓ ଅରଡ଼ବଜାର ସ୍ଥିତ ଗୁଳିକାଣ୍ଡ ସ୍ଥଳକୁ ଏହି ସ୍ୱତନ୍ତ୍ର ଟିମ ପରିଦର୍ଶନ କରିବା ସହ ପରିବାରବର୍ଗ ଓ ବ୍ୟବସାୟୀଙ୍କୁ ଭେଟିଛି । ପରେ ସମ୍ପୃକ୍ତ ଟିମ୍ ଅରଡ଼ବଜାର ସ୍ଥିତ ଗୁଳିକାଣ୍ଡ ସ୍ଥଳରେ ପହଂଚି ଘଟଣା ବିଷୟରେ ଲୋକଙ୍କଠୁ ବୁଝା ସୁଝା କରିଛନ୍ତି ।ବାଲେଶ୍ୱର ଜିଲ୍ଲା ବର୍ତମାନ ଅପରାଧୀଙ୍କ ଚରାଭୂଇଁ ସାଜିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଏକଦମ୍ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗୁରୁବାର ଦିବାଲୋକରେ ବାଲେଶ୍ୱରରେ ୮ ରାଉଣ୍ଡର ଛାତିଥରା ଗୁଳିକାଣ୍ଡ





ଘଟିଥିବା ବେଳେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ସେଖ ହମିଦଙ୍କର ମୃତ୍ୟୁ ହୋଇଛି । ଯାହା ସମଗ୍ର ସହର ଓ ଜନ ମାନସରେ ଭୟର ବାତାବରଣ ସୃଷ୍ଟି କରିଥିବା ବେଳେ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି । ଘଟଣାକୁ ନେଇ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଫେକ୍ଟ ଫାଇଡିଂ ଟିମ୍ ଶନିବାର ସକାଳେ ପ୍ରଥମେ ରେମୁଣା ଗୋଲେଇ ଓ ପରେ ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘରେ ପହଂଚି ଘଟଣାକୁ ଗ୍ରାଉଣ୍ଡରୁ ତଦାରଖ କରିଛି । ହମିଦଙ୍କ ସ୍ତ୍ରୀ, ପୁଅ ଓ ପରିବାର ପ୍ରିୟଜନଙ୍କୁ ଭେଟିବା ସହ ଘଟଣା ବାବଦରେ ଆଲୋଚନା କରିଛନ୍ତି । ବର୍ତମାନ ସୁଦ୍ଧା ଏନେଇ ପୁଲିସ ତାଙ୍କ ଘରେ ପହଂଚିନଥିବା ପରିବାର ବର୍ଗ କହିବା ସହ ହମିଦଙ୍କ ପତ୍ନୀ କାନ୍ଦି କାନ୍ଦି ହାତ ଯୋଡି ନ୍ୟାୟ ଭିକ୍ଷା କରିଛନ୍ତି । ପରେ ଟିମର ସଂଯୋଜକ ତଥା ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଟିମର ସଦସ୍ୟଙ୍କ ମଧ୍ୟରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବରିଷ୍ଠ ସାଧାରଣ ସମ୍ପାଦିକା ତଥା ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ବାଲେଶ୍ୱର ପୁଲିସ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି । ବାଲେଶ୍ୱରରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗୁଡୁଥିବା ବେଳେ ସମ୍ପୃକ୍ତ ଗୁଳିକାଣ୍ଡକୁ ଟିମ ନିନ୍ଦା କରିଛି । ଏଥିସହ ସମ୍ପୃକ୍ତ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି । ଆଗାମୀ ୪୮ ଘଂଟା ମଧ୍ୟରେ ଯଦି ଏହା ନହୁଏ, ତେବେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ହିସାବରେ ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ବିଜେଡି ଏସପି ଅଫିସ ଘେରାଓ କରିବ ବୋଲି ଟିମ ଚେତାବନୀ ଦେଇଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ଦାସ, ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ରେମୁଣା ଏନଏସସି ଚେୟାରମ୍ୟାନ ତନୁଜା ଗିରି, ଉପାଧ୍ୟକ୍ଷ ଏହେସାନ ଖାନ, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ଅଶୋକ ଆଦ୍ୟ, ଅଶୋକ ଦାସ, ଧନଞ୍ଜୟ ଜେନା, ଯୁବ ନେତା ଭରତ ଭୂଷଣ ଦାସ ଓ ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରଧାନ ପ୍ରମୁଖ ଏସପି ଅଫିସରେ ଉପସ୍ଥିତ ରହି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି ।

# ଆନ୍ତର୍ଜାତିକ ନିଶା ନିରୋଧ ଦିବସରେ 'ମନା' ପକ୍ଷରୁ ସଚେତନତା ସଭା

ବାଲେଶ୍ୱର,(ନି.ପ୍ର.): ଆନ୍ତର୍ଜାତିକ ନିଶା ନିରୋଧ ଦିବସ ଅବସରରେ ମିଳିତ ନିଶା ନିବାରଣ ଅଭିଯାନ 'ମନା' ପକ୍ଷରୁ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ 'ସମ୍ବାଦ'ର ଉ□ର ଓଡ଼ିଶା ସଂସ୍କରଣର ମୁଖ୍ୟ ତଥା ବିଶିଷ୍ଟ ଔପନ୍ୟାସିକ ଚି□ରଞ୍ଜନ ଚିରଞ୍ଜିତ୍ ଯୋଗଦେଇ କହିଥିଲେ ଯେ, ନିଶା ନିରୋଧ ପାଇଁ ଏକ ସଂକଳ୍ପ ୧୯୮୭ ମସିହାରେ ଜାତିସଂଘ ଦ୍ୱାରା ଗୃହୀତ ହେବାପରେ ବିଶ୍ୱବାସୀ ୧୯୮୯ ମସିହାଠାରୁ ଜୁନ୍ ୨୬ ତାରିଖକୁ ନିଶା ନିରୋଧ ଦିବସ ଭାବେ ପାଳନ କରିଆସୁଛନ୍ତି । କିନ୍ତୁ ବହୁ ସଚେତନତା ପରେ ବି ନିଶାର ବହୁଳ ପ୍ରସାର ହୋଇଥିବାବେଳେ ଆମ ଦେଶର ମାତ୍ର କେତୋଟି ରାଜ୍ୟରେ ରାଜ୍ୟ ସରକାର ନିଶା



ବ୍ୟବସାୟକୁ ନିଷେଧ କରିଛନ୍ତି । ସରକାରଙ୍କ ରାଜସ୍ୱ ଆୟଠାରୁ ଏହି ନିଶା କବଳିତ ବ୍ୟକ୍ତିମାନେ ସମାଜରେ ବହୁ କ୍ଷତି ଘଟାଉଛନ୍ତି ବୋଲି ଶ୍ରୀ ଚି□ରଂଜନ ମତ ଦେଇଥିଲେ । 'ମନା'ର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଉପଦେଷ୍ଟା ସୁବ୍ରତ କର, ଉପ ସଭାନେତ୍ରୀ ସୁଶ୍ରୀ ଅର୍ଚ୍ଚନା ନନ୍ଦି ଓ ସମ୍ମାନିତ ଅତିଥିଭାବେ ସିଦ୍ଧି ବିନାୟକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଯୋଗ ଦେଇ ନିଶାସେବନ ଓ ଏହାର ପ୍ରଭାବରେ ସମାଜରେ ଘଟୁଥିବା ବିଭିନ୍ନ ଦୁର୍ଘଟଣା ସଂପର୍କରେ ବକ୍ତବ୍ୟ ଦେଇ ନିଶାସେବନଠାରୁ ଆଜିର ଛାତ୍ରଛାତ୍ରୀ ଓ ଯୁବସମାଜ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଉପସଭାପତି ଡ. କ୍ଷିତୀଶ୍ୱର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ପ୍ରାରମ୍ଭିକ ସୂଚନା ଦେଇଥିଲେ । ସିଦ୍ଧି ବିନାୟକ ଶିକ୍ଷାନୁଷ୍ଠାନର ୧୦ମ ଶ୍ରେଣୀ ଛାତ୍ରୀ ଗୀତାଞ୍ଜଳି ମହାପାତ୍ର ଓ ସଂଘମିତ୍ରା ମୁଦୁଲି ଏବଂ ୯ମ ଶ୍ରେଣୀର ଜ୍ୟୋତିଶ୍ରୀ ଜେନା 'ମନା'ର ଏହି ସଚେତନତା କାର୍ଯ୍ୟକ୍ରମ ସେମାନଙ୍କୁ ନିଶା ବିରୋଧରେ ବହୁ ଶିକ୍ଷା ଦେଇଛି ବୋଲି କହିଥିଲେ । ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କୁ ମ□ ଆହ୍ୱାନ କରିଥିଲେ ଓ ଅତିଥିମାନେ ଶ୍ରୀଶ୍ରୀ ଗଣେଶଙ୍କ ପ୍ରତିମୂ□ରେ ପୁଷ୍ପ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଶେଷରେ ଗୀତାଞ୍ଜଳି ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସାଧାରଣ ସଂପାଦିକା ମମତା ମହାପାତ୍ର ସଭାରେ ଯୋଗଦେଇ ନପାରି ଶୁଭେଚ୍ଛାବା□ା ପଠାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ କୁମାର ଦାସ, କଲ୍ୟାଣୀ ନନ୍ଦ, ଅକ୍ଷୟ କୁମାର ତ୍ରିପାଠୀ, ଲକ୍ଷ୍ମଣ ବିଶ୍ୱାଳ, ବସନ୍ତ ପ୍ରଧାନ, ରବିନାରାୟଣ ଭୋଳ, ଶ୍ୟାମସୁନ୍ଦର ଜେନା, ଦୟାନିଧି ମହାପାତ୍ର, ବ୍ୟଙ୍ଗକବି ପ୍ରଭାକର ସାହୁ, ବେଣୁଧର ସାହୁ, ରଜନୀକାନ୍ତ ବେହେରା ଓ ଯତୀନ୍ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ପଟିଦିଅଁ ଅଙ୍କନ ଉତ୍ସବର ଦ୍ୱିତୀୟ ଦିନରେ ଅନନ୍ତ ନାରାୟଣ, ବାସୁଦେବ ଓ ଭୁବନେଶ୍ୱରୀ ପଟିରେ ଲାଗିଲା ରଙ୍ଗ



ବାଲେଶ୍ୱର, (ନି.ପ୍ର.): ନୋସି କଲଚରାଲ ଏକାଡ଼େମୀ ଓ ବାଲେଶ୍ୱରୀ କଳା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଚାଲିଥିବା ୬ ଦିନିଆ ଦ୍ୱାଦଶ ପଟିଦିଅଁ ଅଙ୍କନ ଉତ୍ସବର ଦ୍ୱିତୀୟ ଦିବସ ଉତ୍ସାହ ଓ ଭକ୍ତିର ସହ ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ଚିତ୍ରକରମାନେ ୮ଟି ଜଗନ୍ନାଥ ମନ୍ଦିର ପାଇଁ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଏବଂ ମା ଭୁବନେଶ୍ୱରୀଙ୍କ ପଟିଚିତ୍ରରେ ରଙ୍ଗ ଲଗାଇଥିଲେ । ସନ୍ଧ୍ୟାରେ ଆୟୋଜିତ ସଭାରେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସାସଙ୍ଗ ଜଗନ୍ନାଥ ମନ୍ଦିରର ମୁଖ୍ୟ ସେବକ ପ୍ରଭାସ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତିରେ ଚିତ୍ରକରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ।ଶିଳ୍ପୀ କେଶୁ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱୀକୃତିପ୍ରାପ୍ତ ଚିତ୍ରକର ଅରୁଣ ବାରିକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଚିତ୍ରକର ଦେବାଶିଷ ପତି ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଓଡ଼ିଶୀ ନୃତ୍ୟଶିଳ୍ପୀ ଅମ୍ରିତା ବେହେରା ଓ ଦିବ୍ୟାଂଶି ଆଚାର୍ଯ୍ୟ ଜଗନ୍ନାଥଙ୍କୁ ସମର୍ପିତ ନୃତ୍ୟ ପରିବେଷଣ କରିଥିଲେ । କଣ୍ଠଶିଳ୍ପୀ ରଶ୍ମିରେଖା ମହାପାତ୍ର, ନନ୍ଦିନୀ ନାୟକ, ନିତିଶ୍ରୀ ମହାନ୍ତି, ଏକାଦଶୀ ବର୍ମନ ଓ ହୀରାଲାଲ ପାକଳ ଜଗନ୍ନାଥ ଜଣାଣ ଗାନ କରିଥିଲେ । ଡାକ୍ତର ରଜନୀ କାନ୍ତ ନାୟକଙ୍କ ମାଉଥ ଅର୍ଗାନ ବାଦନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।ତୃତୀୟ ଦିବସର ସନ୍ଧ୍ୟାରେ କେନ୍ଦୁଝର ଆନନ୍ଦପୁରର ସା ନି ଧା ପା ଶାସ୍ତ୍ରୀୟ ଆସରର ବିଶିଷ୍ଟ ଶିଳ୍ପୀମାନେ ଜଗନ୍ନାଥଙ୍କ ପ୍ରିୟ ଗୀତ ଗୋବିନ୍ଦ ସହ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ।

# କମେଂଟମରାକୁ କେନ୍ଦ୍ରକରି ଦରଘା ମଇଦାନରେ ଲଙ୍କାକାଣ୍ଡ, ତାଜିଆ ଭଙ୍ଗାରୁଜା, ଇଟା ପଥର ମାଡ଼ରେ ୩ ପୋଲିସ ଗୁରୁତର

ବାଲେଶ୍ୱର,(ନି.ପ୍ର.): ୨୬ ତାରିଖ ରାତ୍ର ୮ଟାରୁ ୩ଟା ୪୦ ପର୍ଯ୍ୟନ୍ତ ଆଖଡ଼ା ଏବଂ ତାଜିଆ ମହରମ ପର୍ବ ଅବସରରେ ବିଭିନ୍ନ ସାହିବସ୍ତିରୁ ବାହାରି ପ୍ରଶାସନର ଗାଇଡଲାଇନକୁ ଗୁରୁତ୍ୱ ଦେଇ ପୂର୍ବ ପରମ୍ପରା ଅନୁଯାୟୀ ଦରଘା ମଇଦାନକୁ ଯିବା ନିମନ୍ତେ ଗଳାପୋଖରୀ ଛକଠାରୁ କ୍ରମାନ୍ୱୟରେ ଶୋଭାଯାତ୍ରା ଆରମ୍ଭ କରିଥିଲେ । ପ୍ରଥମେ ୧ ନମ୍ବର କଂସେଇମହଲା ଭିତରକୁ ଯାଇଥିଲା ବେଳେ ପରେ ୫ ନଂ ସ୍କୁଲବଜାର ତାଜିଆ ସମେତ ଆଖଡ଼ା ଭିତରେ ପ୍ରବେଶ କରିଥିଲା । ତା'ଛଡ଼ା ତାପରେ ୯ନଂ ବାଲୁବଜାର ଆଖଡ଼ା



ଭିତରକୁ ପ୍ରବେଶ କରିଥିବା ପରେ ପୂର୍ବ ଶତୃତା ଓ କମେଂଟମରାକୁ



କେନ୍ଦ୍ରକରି ଦରଘାମଇଦାନରେ ପ୍ରଥମେ କିଛି ଲୋକ ସ୍କୁଲବଜାର ତାଜିଆକୁ ଭାଙ୍ଗିଦେବାରୁ ଆରମ୍ଭ ହୋଇଥିଲା ଇଟା, ପଥର , ଟେକା, ମାଡ଼ । ଏଥିରେ ୩ ପୋଲିସ ଆହତ ହୋଇଥିବା ବେଳେ ଟାଉନଥାନା ଅନ୍ତର୍ଗତ ସୁନହଟ ଅଂଚଳର ଆସବର ଖାଁ, ସେଖ ମୁରାଦ, ସେଖ ଆଜାଦ, ସେଖ ଇକବାଲଉଦ୍ଦିନ, ସେଖ ରେହେମାନ ପ୍ରମୁଖ ୫ଜଣ ବ୍ୟକ୍ତି ଆହତ ହୋଇଥିଲେ । ମୁଖ୍ୟତଃ ଜିଲ୍ଲା ପ୍ରଶାସନ ପକ୍ଷରୁ ଏବର୍ଷ ରାପିଡ଼ ଏକ୍ସନଫୋର୍ସ, କେନ୍ଦ୍ର ସୁରକ୍ଷା ବଳୟ ଏବଂ ଦଉଡ଼ି ମାଧ୍ୟମରେ ବ୍ୟାରିକେଟ୍ କରାନଯିବା ଯୋଗୁଁ ଚଳିତ ବର୍ଷ ମହରମପର୍ବରେ ବିଭିନ୍ନ ସମ୍ପ୍ରଦାୟର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ଆଖଡ଼ା ଦଳ ନିର୍ଦ୍ଧାରିତ ସମୟରୁ ବିଳମ୍ବରେ ଦରଘା ମଇଦାନ ଭିତରେ ପ୍ରବେଶ କରି ମେଳନରେ ଭାଗନେବା ପରେ ଆରମ୍ଭ ହୋଇଥିଲା ରାତି ୨ଟା ୪୫ରୁ ଗଣ୍ଡଗୋଳ । ଏହି ଗଣ୍ଡଗୋଳକୁ କେନ୍ଦ୍ରକରି ୧ନଂ, ୫ନଂ ଓ ୯ନଂ ତିନୋଟି ଆଖଡ଼ା ଦଳ ପରସ୍ପର ମଧ୍ୟରେ ବାଡ଼ିଆପିଟା ମଧ୍ୟ ହୋଇଥିଲେ । ଏହିସମୟରେ ୨ନଂ ମଛୁଆସାହି ଦରଘାମଇଦାନ ମୁହଁରୁ ଏ ଗଣ୍ଡଗୋଳ ଦେଖି ଫେରିବା ସଂଗେ ସଂଗେ ଅନ୍ୟାନ୍ୟ ଆଖଡ଼ା ଓ ତାଜିଆ ଦଳ ଭିତରକୁ ପ୍ରବେଶ ନକରି ନିଜର ନିଜର ସ୍ଥାନକୁ ଫେରିଯାଇଥିଲେ । ପ୍ରକାଶଯେ, ଅତୀତରେ କଂସେଇମହଲା, ସ୍କୁଲବଜାର ମଧ୍ୟରେ ଗଣ୍ଡଗୋଳ ଲାଗିରହିଛି । ଆଜି ପ୍ରତ୍ୟୁଷରୁ ବୈଦ୍ୟୁତିକ ଗଣମାଧ୍ୟମରେ ଗୋଷ୍ଠୀ ସଂଘର୍ଷ ପାଇଁ ମହରମରେ ଏଭଳି ଘଟଣା ଘଟିଲା ବୋଲି ବାରମ୍ବାର ପ୍ରଚାର ହେବା ଯୋଗୁଁ ବାଲେଶ୍ୱରର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକର ମଧ୍ୟାହ୍ନରେ ସାମ୍ବାଦିକ ସମ୍ମିଳନୀ ଡାକି ଗଣମାଧ୍ୟମ ଉପରେ କ୍ଷୋଭ ପ୍ରକାଶ କରିଥିଲେ । କହିଥିଲେ କି, ସୋସିଆଲ ମିଡ଼ିଆରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧି ତାଙ୍କ ସହିତ ଆଲୋଚନା କରି ସମ୍ବାଦ ପରିବେଶଣ କରିବା କଥା । ପୂର୍ବରୁ ସୂଚନା ଦିଆଯାଇଛି ବୋଲି କହିଥିଲେ । ଏହାଛଡ଼ା ଖଲାସୀ ମହଲାରେ ସେମାନେ ମୁଖ୍ୟ ରାସ୍ତାକୁ ଦୁଇଧାରରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରି ତାଜିଆ ତିଆରି କରିବା ଏବଂ ଟାଉନଥାନା ସମ୍ମୁଖରେ ତାଜିଆ ଛିଡ଼ା କରାଇ ତାହାମଧ୍ୟ ତିଆରି କରାଇବା କାର୍ଯ୍ୟକୁ ନାପସନ୍ଦ କରାଯାଇଛି । କାରଣ ଆଗାମୀ ଦିନରେ ଦୁର୍ଗାପୂଜା ସମୟରେ ଅନେକ ଦୁର୍ଗାମେଢ଼ ଥାନା ସମ୍ମୁଖରେ ଛିଡ଼ା ହୋଇ ସାଜସଜ୍ଜା କରିବେ ବୋଲି ଏବେଠାରୁ ସହରରେ ଚର୍ଚ୍ଚା ଆରମ୍ଭ ହେଲାଣି । ତା'ଛଡ଼ା ଗଣ୍ଡଗୋଳ ସମୟରେ ଶାନ୍ତି କମିଟିର ସଦସ୍ୟମାନେ ଛିନଛତ୍ର ହୋଇ ପଳାଇ ଯାଇଥିଲେ । ଏସପିଙ୍କ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟାଉନଥାନା ଅଧିକାରୀ ବିଜୟ ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଜନସମ୍ପର୍କ ଅଭିଯାନରେ ବାଲେଶ୍ୱର ଭାଜପାର ପୂର୍ବତନ ସାଂସଦ ପ୍ରାର୍ଥୀ କଲ୍ୟାଣରାୟ ମହାଶୟଙ୍କୁ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ରାଜ୍ୟ ଭାଜପା ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି । (ଫଟୋ-ଦେବବ୍ରତ ପାଣିଗ୍ରାହୀ)

# ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ତିରୋଧାନ ଦିବସ ପାଳିତ

ଜଳେଶ୍ୱର (ନି.ପ୍ର ) ଦିଗମ୍ବରୀଦେବୀ +୨ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ ଓ ସାଇ କ୍ରୀଷ୍ଣା ନର୍ସିଙ୍ଗ କଲେଜ ଓ ସାଇ ସାରଳା ଫାର୍ମାସୀ କଲେଜ୍ ପରିସର ସମ୍ମିଳନୀ କକ୍ଷରେ ମିଳିତ ନିଶା ନିବାରଣ ଅଭିଯାନ ଜଳେଶ୍ୱର ଶାଖା ର ସମ୍ପାଦକ ଅନୁଷ୍ଠାନ ସମୂହ ର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ସଭା ସଂଚାଳନ କରିଥିଲେ । ସଭା ପ୍ରାରମ୍ଭରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ଜଳେଶ୍ୱର ବ୍ଲକ ଆରୁହା ପଂଚାୟତର ଶାଳିକୋଠା ନିବାସୀ ତଥା ବିଶିଷ୍ଟ ଶାସ୍ତ୍ରବିତ୍,ଉତର ବାଲେଶ୍ୱର ଅଂଚଳର ଜଣେ ସୁନାମଧନ୍ୟ ପଣ୍ଡିତ,ସମାଜ ସୁଧାକର, ଜଣେ ପ୍ରଥିତଯଶା ସଂସ୍କୃତ ଭାଷା ସାଧକ,ଆମ ଅଂଚଳର ମୁକ୍ତିମଣ୍ଡପ ର ବାର୍ତା ଦେଉଥିବା ବ୍ୟକ୍ତିତ୍ୱ,ଶାଳିକୋଠା ସ୍ଥିତ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା,ସନାତନ ସଂସ୍କୃତି ର ପ୍ରଚାରକ,ଆମ ଅଂଚଳର ଗର୍ବ ଓ ଗୌରବ ରବି ନାରାୟଣ ରଥଶର୍ମା ଆଜି ମୋର ୪ ଘଟିକା ସମୟରେ ପରଲୋକ ଗମନ କରିଥିଲେ । ଦିବଂଗତ ଆତ୍ମା ଙ୍କ ସଦଗତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ଆମସଭାପତି ଦିଲୀପ କୁମାର ଗିରି ଙ୍କ ସଭାପତିତ୍ୱ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଙ୍କ ଜୁନ ୨୪,୧୯୮୪ ର ମହାପ୍ରୟାଣ ଦିବସ ଉଦ୍ଦେଶ୍ୟରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । ବକ୍ତବ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବଦ୍ଦଶାରେ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ଜିଲ୍ଲା ରକ୍ତ ଦାତା ସଂଘ ର ସଭାପତି ତଥା ମିଳିତ ନିଶା ନିବାରଣ ଅଭିଯାନ ମୁନସୀ ପାଲିଟି ର ସଭାପତି କମଳ ଚକ୍ରବର୍ତୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମାଜ ଅବଦାନ ସମ୍ପର୍କ ରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବରେ 'ମନା', ସଂଗଠନ ଜଳେଶ୍ୱର ଶାଖା ର ସମ୍ପାଦକ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ କହିଥିଲେ ନବକୃଷ୍ଣ ଚୌଧୁରୀ ଙ୍କ ସମ୍ପର୍କ ରେ କହିଥିଲେ ନବକୃଷ୍ଣ ଚୌଧୁରୀ ହେଉଛନ୍ତି ନବ ନିର୍ମାଣ ଓଡ଼ିଶାର ବିନ୍ଧାଣି ଥିଲେ ବୋଲି କହିଥିଲେ । ଭୂଦାନ ଆନ୍ଦୋଳନ,କୃଷକ ଆନ୍ଦୋଳନ ତଥା ନିଶା ନିବାରଣ ଆନ୍ଦୋଳନ ର ନେତୃତ୍ୱ ନେଉଥିଲେ ।,ନିଜେ ଜମି ଦାର ବଂଶ ରେ ଜନ୍ମଗ୍ରହଣ କରି ଭୂଦାନ ଆନ୍ଦୋଳନ ମୁଖିଆ ସାଜିଥିଲେ ।ଲଙ୍ଗଳ ଯାହାର ଜମି ତାହାର ବୋଲି କହିଥିଲେ ।ସମାଜ ର ପଛୁଆ ବର୍ଗ ତଥା ନିଷ୍ପେସିତ ଲୋକଙ୍କ ପାଇଁ କାମ କରୁଥିଲେ । ସମ୍ମାନୀତ ଅତିଥି ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କାଳି ଚରଣ ପୁଷ୍ଟି,ସମ୍ମାନୀତ ଅତିଥି ଭାବରେ ପ୍ରଶାନ୍ତ କୁମାର ପାତ୍ର, ସାଇ ସାରଳା ଫାର୍ମାସୀ କଲେଜ୍ ର ଶ୍ରୀ ଯୁକ୍ତ ମାନସ କୁମାର ମାଇତି,ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା, ଏଥିରେ ସହଯୋଗ କରିଥିଲେ । ତପନ ଜେନା, ସାଇନା ଜାନା, ଭାରତୀ ରାୟ, ଲିଲି ମାରାଣ୍ଡି, ମଧୁମିତା ମାରାଣ୍ଡି, ସରୋଜ କୁମାର ମଲ୍ଲିକ, ଆଲୋକ କୁମାର ପୁଷ୍ଟି, ସୀତାରାମ ଦଳେଇ,ଶ୍ରିମ୍ କୁମାର ବାରିକ, ହରିହର ଜେନା, ସମୁକ୍ତିପଦ ଗିରି, ବିଶ୍ୱଜିତ ପ୍ରଧାନ, କଳ୍ପିତା ଶତପଥୀ ପ୍ରାରମ୍ଭିକ ଜଗନ୍ନାଥ ସୋତ୍ର ପାଠ କରିଥିଲେ ।ଅଂଶୁମାନ ଧଳ,ଇତ୍ୟାଦି ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।ସଭା ପ୍ରାରମ୍ଭ ରେ ସାଇ କ୍ରୀଷ୍ଣା ନର୍ସିଂ, ଫାର୍ମାସୀ କଲେଜ ,ଆ ଇ ଟି ଆଇ,+୨ ବିଜ୍ଞାନ ମହା ବିଦ୍ୟାଳୟ ପିଲାମାନଙ୍କ ପକ୍ଷରୁ ପ୍ରଥମେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଅତିଥି ମାନଙ୍କ ବକ୍ତବ୍ୟ ସହିତ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ଥିଲା । ସର୍ବ ଶେଷରେ ରେ ସଂପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାବ ଅର୍ପଣ କରିଥିଲେ ।





# ରାଜ୍ୟ ସରକାରଙ୍କ ସହଯୋଗରେ ତାମିଲନାଡୁରୁ ଫେରିଲେ କେନ୍ଦୁଝର ଶ୍ରମିକ



କେନ୍ଦୁଝର(ନିପ୍ର): ତାମିଲନାଡୁ ରାଜ୍ୟ ତିରୁଭାଲ୍ଲୁଭର ଜିଲ୍ଲା ଅନ୍ତର୍ଗତ ପେରୀୟାପାଲ୍ୟମ ଅଂଚଳରେ ଥିବା ସାମୁଦ୍ରିକ ଖାଦ୍ୟ (ଚିଙ୍ଗୁଡି) ପ୍ରକ୍ରିୟାକରଣ କାରଖାନାରେ କେନ୍ଦୁଝରର ୧୧ଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି । ଏହି ଘଟଣା ପରେ ଶନିବାର ଭୁବନେଶ୍ୱର ରୁ ସ୍ୱତନ୍ତ୍ର ବସରେ କେନ୍ଦୁଝର ଜିଲାର ତାମିଲନାଡୁରେ କାମ କରୁଥିବା ୨୩ ଜଣ ଯୁବତୀ ଏବଂ ୩୫ ଜଣ ଯୁବକଙ୍କୁ ମିଶାଇ ୫୮ ଜଣ ଶ୍ରମିକ ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦୁଝର ଫେରିଛନ୍ତି । ସେମାନଙ୍କ ମଧ୍ୟରୁ ହରିଚନ୍ଦନପୁର ବ୍ଲକର ୧୦ଜଣ, ବାଂଶପାଳ ବ୍ଲକର ୩୧ଜଣ, ଘଟଗାଁ ବ୍ଲକର ୨ଜଣ, ତେଲକୋଇ ବ୍ଲକର ୧୫ଜଣ ଶ୍ରମିକ ଫେରିଛନ୍ତି । ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ତାମିଲନାଡୁରୁ ଏକ ଟ୍ରେନରେ ଭୁବନେଶ୍ୱର କୁ ଆଣିଥିଲେ । ସୂଚନାଯୋଗ୍ୟ ଯେ,ଏହି ଶ୍ରମିକ ମାନେ କିଛି ମାସ ତଳେ ତାମିଲନାଡୁ ଯାଇ ଏକ ଚିଙ୍ଗୁଡି ଫାକ୍ଟ୍ରିରେ କାମ କରୁଥିଲେ । ତେବେ ଗ୍ୟାସ ଆମୋନିଆ ଗ୍ୟାସ ଲିକ୍ ହେବାରୁ ସେମାନେ ଆକ୍ରାନ୍ତ ହୋଇଥିଲେ । ସେମାନଙ୍କୁ ସେଠାରେ ସ୍ଥାନୀୟ ଭିନ୍ନ ଭିନ୍ନ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୧ଜଣ ମୃତ୍ୟୁ ହୋଇଥିଲା ଅନ୍ୟ କେତେକ ଚିକିତ୍ସାଧିନ ଅଛନ୍ତି । ଏହି ଘଟଣାରେ ପରେ ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ ରେ ରାଜ୍ୟ ସରକାର ତତ୍ପରତା ଦେଖାଇ ମୃତକଙ୍କୁ କେନ୍ଦୁଝର ଆଣିବା ପାଇଁ ବ୍ୟବସ୍ଥା କରିବା ସହ ସେଠାରେ କାମ କରୁଥିବା ଅନ୍ୟମାନଙ୍କୁ ଉଦ୍ଧାର କରି ଓଡିଶା ପେରାଇ ଆଣିଛନ୍ତି । ସେଥିମଧ୍ୟରୁ କେନ୍ଦୁଝର ଜିଲାର ୫୮ଜଣ ଶ୍ରମିକଙ୍କୁ କେନ୍ଦୁଝର ଜିଲାକୁ ଆଣି ସେମାନଙ୍କ ଗ୍ରାମକୁ ପଠାଯାଇଛି । ଉକ୍ତ ଚିଙ୍ଗୁଡି ଫାକ୍ଟ୍ରିରେ ୪ମାସ ହେବ କାମ କରୁଥିବା ନାକୁ ଜୁଆଙ୍ଗ କହିଛନ୍ତି । ମହିଳା ଶ୍ରମିକମାନେ ଯେଉଁ ସ୍ଥାନରେ ଶୋଇଥିଲେ ସେଠାରେ ଗ୍ୟାସ ସିଲିଣ୍ଡର ଥିଲା । ଗ୍ୟାସ ଲିକ୍ ହେବାରୁ ବହୁ ଶ୍ରମିକ ଗୁରୁତର ହୋଇ ପଡିଥିଲେ । ଏବେ ବି ତାଙ୍କ ଗ୍ରାମର ୪ଜଣ ଶ୍ରମିକ ଚିକିତ୍ସାଧିନ ଅଛନ୍ତି । କୋଡିପଶା ଗ୍ରାମର ୧୬ଜଣ ଯୁବତୀ କାମ କରିବାକୁ ଯାଇଥିଲେ ବୋଲି ମିନତୀ ଜୁଆଙ୍ଗ କହିଛନ୍ତି । ଘର ପରିସ୍ଥିତି ଖରାପ ଥିବାରୁ ଏବଂ କାମ ଧନ୍ଦା ନ ମିଳିବାରୁ ବାହାର ରାଜ୍ୟକୁ କାମ କରିବାକୁ ଯାଇଥିଲେ । ସେଠାରେ ପ୍ରାୟ ୫୦୦ ଯୁବକ ଯୁବତୀ ରହି କାମ କରୁଥିଲେ ବୋଲି କହିଛନ୍ତି । ସରକାରଙ୍କ ତରଫରୁ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ପୂର୍ବରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ମୃତ ଏବଂ ଆହତ ଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଶ୍ରମିକ ଥିବାରୁ ସେମାନଙ୍କୁ କିଭଳି ବିପଦପୂର୍ଣ୍ଣ କାମରେ ନିୟୋଜିତ କରାଗଲା ତାହାକୁ ନେଇ ବଡ ପ୍ରଶ୍ନ ଉଠୁଛି । ଏହାକୁ ନେଇ ଶ୍ରମ ବିଭାଗ କିଭଳି ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା । ଏତେ ସଂଖ୍ୟାରେ ଶ୍ରମିକ ବାହାର ରାଜ୍ୟକୁ ଗଲେ ତାହାର ସୂଚନା ଜିଲା ପ୍ରଶାସନ କିମ୍ବା ଶ୍ରମ ବିଭାଗ ଜାଣି ପାରିଲେ ନାହିଁ ତାହା ଆଶ୍ଚର୍ଯ୍ୟର ବିଷୟ ହୋଇଛି । ଅନ୍ୟପକ୍ଷରେ ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ପ୍ରଶାସନ କିମ୍ବା ଶ୍ରମ ବିଭାଗ କୌଣସି ମତାମତ ଦେଉନଥିବାରୁ ସଠିକ୍ ସୂଚନା ମିଳିପାରୁନାହିଁ । ସେପଟେ ଜିଲା ପ୍ରଶାସନ ସହଯୋଗ ରେ ସମସ୍ତ ଶ୍ରମିକଙ୍କୁ ଘରକୁ ଫେରାଇ ଅଣାଯାଉ ଥିବା ବେଳେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ । ଶ୍ରୀ ନାଏକ ଫେରି ଥିବା ଶ୍ରମିକ ମାନଙ୍କୁ ଭେଟି ସେମାନଙ୍କୁ ଆଗାମୀ ଦିନରେ କିଭଳି ରାଜ୍ୟ ସରକାରଙ୍କ ସହଯୋଗରେ ସ୍ଥାନୀୟ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି କିମ୍ବା ଆତ୍ମନିର୍ଭରଶୀଳ କରାଯାଇ ପାରିବ ସେଥିପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ଶ୍ରମିକଙ୍କ ସୁରକ୍ଷା ସହ ଆଗକୁ ଦାଦନ କମିବା ନେଇ ପ୍ରୟାସ କରାଯିବ ବୋଲି ପ୍ରକାଶ କରିଛନ୍ତି ସାଂସଦ ଅନନ୍ତ ନାୟକ ।

# କର୍କଟ ରୋଗୀ ନିରଞ୍ଜନ ଗାହଣଙ୍କୁ ୫୦ ହଜାର ଟଙ୍କା ଆର୍ଥୀକ ସହାୟତା

ସୋର(ନିପ୍ର): ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ତରଫରୁ ଜଣେ କର୍କଟ ଚିକିତ୍ସାଧୀନ ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ରାଜକନିକା ବ୍ଲକ ଅନ୍ତର୍ଗତ ଡାଙ୍ଗମାଳ ପଂଚାୟତର ନୂଆଗାଁ ଗ୍ରାମର ବାସିନ୍ଦା ନିରଞ୍ଜନ ଗାହଣ (୩୫) ଦେଢ଼ ବର୍ଷ ଧରି କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି । ଏହି ଅଂଚଳର ଶ୍ରୀ ଗାହଣ ପେସାରେ ଜଣେ ରୋଷେଇଆ, ସେ କାମକାର୍ଯ୍ୟରେ ରୋଷେଇ କରି ପରିବାର ଚଳାଉଥିଲେ । ତାଙ୍କର ସ୍ତ୍ରୀ ଜ୍ୟୋତ୍ସ୍ନା ଗାହଣ (୩୦) ଏବଂ ପାଂଚଟି ଝିଅ । ଗତ ଦୁଇ ବର୍ଷ ପୂର୍ବରୁ ଦେହ ଅସୁସ୍ଥ ହେବାରୁ ଥାଇରଡ଼ ଚିକିତ୍ସା କରୁଥିଲେ ହଠାତ୍ ତିନି ମାସ ପୂର୍ବରୁ ଅଧିକ ଦେହ ଅସୁସ୍ଥ ହେବାରୁ କର୍କଟରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା । ପରିବାର ଚଳାଇବା ସହ ଚିକିତ୍ସା ଖର୍ଚ୍ଚ ବହନ କରିବା ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି । ଏହି ପରିସ୍ଥିତିରେ ଆଦର୍ଶ ଯୁବ ପରିଷଦ ପକ୍ଷରୁ ରୋଗୀଙ୍କ ଚିକିତ୍ସା ସହାୟତା ପାଇଁ ୪୭,୦୦୦ ଟଙ୍କାର ଏକ ଚେକ ଓ ୩,୦୦୦ ଟଙ୍କା ନଗଦ ପ୍ରଦାନ କରାଯାଇଥିଲା । ସଂଗଠନର ସଦସ୍ୟମାନେ ରୋଗୀଙ୍କ ପରିବାର ସହ ଯୋଗାଯୋଗ କରି ସହାୟତା ରାଶି ହସ୍ତାନ୍ତର କରିଥିଲେ । ଏହି ଅବସରରେ ସଂଗଠନର କର୍ମକର୍ତ୍ତାମାନେ ନିରଞ୍ଜନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

# ଗାଁରେ ନିଶା କାରବାରକୁ ରୋକିବା ପାଇଁ ଅଂଟା ଭିଡ଼ିଲେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ



ଉଦଳା(ନିପ୍ର): ଉଦଳା ଅବକାରୀ ଥାନାରେ ୮ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ନିଶା କାରବାର ବନ୍ଦ କରିବା ପାଇଁ ଦାବି ରଖି ଅଛନ୍ତି । ଘଟଣାରୁ ଜଣାପଡିଛି ଯେ, ଦେବଗାଁର ୮ ଟି ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାମାନେ ଉଦଳା ଅବକାରୀ ଥାନାରେ ବିନା ଲାଇସେନ୍ସରେ ମଦ ଓ ଗଂଜେଇ ପ୍ରବଳ ମାତ୍ରାରେ ବିକ୍ରି ହେଉ ଅଛି ତାକୁ ତୁରନ୍ତ ବନ୍ଦ ପାଇଁ ଦରଖାସ୍ତ କରି ଅଛନ୍ତି । ଏହି ଗାଁ ଖୁଂଟା ଥାନା ଓ ଖୁଂଟା ଅବକାରୀ ଅଫିସ ଅଧିନରେ ଯାଉଅଛି । ଖୁଂଟାର ଅବକାରୀ ଅଫିସର କର୍ମଚାରୀ ମାନେ ଏହାକୁ ରୋକିବାରେ ସଫଳ ନହେବା ଯୋଗୁଁ ଆଜି ସେମାନେ ଉଦଳା ଅବକାରୀ ଥାନାରେ ଅଭିଯୋଗ କରୁଛନ୍ତି । ଗାଁରେ ଅତ୍ୟାଧିକ ମଦ ଓ ନିଶା କାରବାର ଯୋଗୁଁ ପରିବାର ସର୍ବସ୍ୱାନ୍ତ ହେବାକୁ ବସିଲେଣି । ବିଶେଷକରି ଯୁବକ ଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ଅତ୍ୟାଧିକ ନିଶା ସେବନ କରୁଥିବା ଯୋଗୁଁ ଗାଁରେ ଓ ପରିବାର ଭିତରେ ସମସ୍ତେ ଅଶାନ୍ତ ପରିବେଶ ଭିତରେ ରହୁ ଅଛନ୍ତି । ଚୋରାରେ ନିଶା କାରବାର କରୁଥିବା ମହିଳା ଓ ପୁରୁଷମାନଙ୍କୁ ଗିରଫ କରିବା ସହିତ ନିଶାମୁକ୍ତ କରିବା ପାଇଁ ଦାବି ରଖି ଅଛନ୍ତି । ବର୍ତ୍ତମାନ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ କାରବାର ଠାରୁ ଗାଁ ଗଣ୍ଡାରେ ଦେଶୀ ମଦ ସହିତ ନିଶା କାରବାର ବହୁ ପରିମାଣରେ ବୃଦ୍ଧି ହୋଇ ଅଛି । ଜିଲ୍ଲା ଅବକାରୀ ବିଭାଗ ଏଥିପ୍ରତି ଧ୍ୟାନ ଦେଲେ ଗାଁ ଗଣ୍ଡାରେ ମଦ କାରବାର ବନ୍ଦ ହୋଇ ପାରନ୍ତା ବୋଲି ଉପସ୍ଥିତ ଲୋକଙ୍କ ଦାବି ରଖାଯାଉଛି ।

# ବ୍ରଜମୋହନ ପ୍ରଧାନଙ୍କ ପ୍ରଚେଷ୍ଟାରେ ଗାଁରେ ପହଂଚିଲା ବିଜୁଳି ଆଲୋକ

ଜଳେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆଡ଼ ଗ୍ରାମ ପଂଚାୟତର ଉପରକୁଣ୍ଡି ଗ୍ରାମର ବିନ୍ଧାଣିସାହିର ୧୦ ପରିବାର ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଉକ୍ତ ପରିବାର ମାନଙ୍କ ପଖାରେ ସରକାରଙ୍କ ମୌଳିକ ସୁବିଧା ପହିଂଚିବା ସେମାନଙ୍କ ପାଇଁ ସାତ ସପନ ପାଲଟି ଯାଇଥିଲା ଯାହାକୁ ନେଇ ସାହି ବାସୀ ବାରମ୍ବାର ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କୁ ଅବଗତି କରାଇଥିଲେ ମଧ୍ୟ ସୁଫଳ ମିଳି ପାରି ନ ଥିଲା ଯାହାକୁ ନେଇ ସାହି ବାସୀ ମାନେ ଖୁଆଡ଼ ଗ୍ରାମ ପଂଚାୟତର ଯୁବ ନେତା ସୁଜିତ କୁମାର ଦାସଙ୍କ ପ୍ରଚେଷ୍ଟା ବଳରେ ଜଳେଶ୍ୱର ନିର୍ବାଚନମଣ୍ଡଳର



ବଜେପି ବରିଷ୍ଠ ନେତା ବ୍ରଜମୋହନ ପ୍ରଧାନ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଚେଷ୍ଟା ଯୋଗୁ ଅନ୍ଧାରରେ ରହିଥିବା ପରିବାର ମାନଙ୍କୁ ସ୍ଥାୟୀ ବିଜୁଳି ଆଲୋକ ମିଳିପାରିଛି ଯାହାକୁ ନେଇ ସାହି ବାସୀ ମାନେ ବ୍ରଜମୋହନ ପ୍ରଧାନଙ୍କୁ କୃତଜ୍ଞତା ଜଣାଇବା ସହିତ ସାଂସଦଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ଆଜି ବିଧିବାଧ ଭାବେ ବ୍ରଜ ମୋହନ ପ୍ରଧାନ ଉକ୍ତ ପରିବାର ମାନଙ୍କୁ ବିଜୁଳି ଆଲୋକ ସୁଇଚ ଦେଇ ଆଲୋକ କରଣ କରିଥିଲେ ଏବଂ ସାଥିରେ ଉପସ୍ଥିତ ରହିଥିଲେ ଯୁବ ନେତା କାଳିଚରଣ ଦାସ, ଯୁବନେତା ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ, ସନତ ସାହୁ ଗୌତମ ପାତ୍ର, ଅଜିତ ଘୋଷ, ବାଦଲ ସରେନ, ମଣ୍ଡଳ ସଭାପତି ସଂଜୀବ ଜେନା, ତରୁଣ ପଟ୍ଟନାୟକ ଗଦାଧର ବିନ୍ଧାଣି, ସୁଜନ ବିନ୍ଧାଣି, ସଞ୍ଜୟ ବିନ୍ଧାଣି, ଉଡୁଗୁ ବିନ୍ଧାଣି, ସୁଶାନ୍ତ ବାରିକ, ଦେବବ୍ରତ ବେହେରା, ଶରତ ଜେନା ପ୍ରମୁଖ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ ।

# ବୃକ୍ଷ ରୋପଣ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ କେନ୍ଦୂପଟି ଗାଁ ର ଭୂଷଣ ବନଛୋର ୧୯୭୫ ମସିହାରୁ ନିଜ ଅଂଚଳର ବନ ସୁରକ୍ଷା ଦେଇ ଆସୁଛନ୍ତି । ଆଜକୁ ୮୨ ବର୍ଷରେ ଉପନୀତ ହୋଇସାରିଛନ୍ତି ବୟସର ଅପରାହ୍ନରେ ମଧ୍ୟ ବନ ସୁରକ୍ଷା କରି ଆସୁଛନ୍ତି । କେନ୍ଦୁପାଟି, ପାଞ୍ଚି ଅଂଚଳର ହେକ୍ଟର ହେକ୍ଟର ଜଙ୍ଗଲ ଦେଖାଯାଉଛି ତାହା ସୁରକ୍ଷା ଦେଇଛନ୍ତି ଭୂଷଣ ବନଛୋର । ରାତି ଦିନ ବନ ସୁରକ୍ଷା କରିବା ସହ ନୂତନ ଚାରା ରୋପଣ କରିଛନ୍ତି । ବନ ସୁରକ୍ଷା ସମୟରେ ଗଛ ବେପାରି ମାନେ ଗଛ ଚୋରି କରି ପାରୁ ନ ଥିବାରୁ କେତେ ସମୟ ମାରଣାନ୍ତକ ଆକ୍ରମଣ କରିଥିବା କଥା ଶ୍ରୀ ବନଛୋର ଜଣେଇ ଛନ୍ତି । ତାଙ୍କ ଜୀବନରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ବହୁ ଥର ପୁରସ୍କୃତ ହୋଇଛନ୍ତି ବନ ମିତ୍ର ପୁରସ୍କାର, ଖମନ ଦର୍ପଣ ଭଳି ଅନେକ ସ୍ଥାନରେ ସମ୍ମାନିତ ହୋଇଛନ୍ତି । ବର୍ତ୍ତମାନ ବୃଦ୍ଧ ହୋଇ ଯାଇଥିବାରୁ ତାଙ୍କ ପରିବାର ତିନି ପୁଅ ଓ ନାତି ନାତୁଣୀ ମଧ୍ୟରୁ ଜଣକୁ ସବୁଦିନିଆ ଚାକିରି ଖଣ୍ଡିଏ କିମ୍ବା ବନ ସୁରକ୍ଷା ପାଇଁ ନିୟୋଜିତ କିମ୍ବା ବୃକ୍ଷ ରୋପଣ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ନୂଆପଡ଼ା ପ୍ରଶାସନ ସହ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣା ପଂଚାୟତରେ ଶନିବାର ଦିନ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସରପଂଚ ବାସନ୍ତୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି କୈଳାସ ଚନ୍ଦ୍ର ମାଝୀ, ସମିତିସଭ୍ୟା ଛବିଲତା ମହାପାତ୍ର, ବରିଷ୍ଠ ନାଗରିକ କରୁଣାକର ମହାପାତ୍ର, ଏଡିଓ ରଞ୍ଜିତ ମିଶ୍ର ପ୍ରମୁଖ ଅତିଥି ଭାବେ ସରକାରଙ୍କ ୨ବର୍ଷର ସଫଳତାର କାହାଣୀ ଉପସ୍ଥାପନ କରିଥିଲେ । ସୁଧାଂଶୁ ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମୋଟ ୧୦ଜଣଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ରେସନ କାର୍ଡ ପ୍ରଦାନ କରାଯାଇଥିଲା । ରମେଶ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ଭାଜପା ଯୁବ ସଙ୍ଗଠକ ରାଧାଶ୍ୟାମ ମହାପାତ୍ର, ସୁଦର୍ଶନ ମହାକୁଡ, ବିଷ୍ଣୁ ସାହୁ ପ୍ରମୁଖ ସହଯୋଗ କରିଥିଲେ । ମହିଳା ଗ୍ରୁପ ତରଫରୁ ଖାଦ୍ୟଷ୍ଟଲ ପ୍ରଦର୍ଶନ କରାଯିବା ସହିତ ଆସୁଥିବା ଲୋକଙ୍କ ପାଇଁ ରକ୍ତ ଓ ମଧୁମେହ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା ।

# ଶିଶୁ ସୁରକ୍ଷା ଅଧିନିୟମ ଓ ବନ୍ଧକ ଶ୍ରମିକ ନିରାକରଣ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଯାଜପୁର(ନିପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଯାଜପୁର ଜିଲ୍ଲା ପ୍ରଶାସନ (ଶିଶୁ ସୁରକ୍ଷା ୟୁନିଟ) ଓ ଆଇ.ଜେ.ଏମ, ଓଡ଼ିଶାର ମିଳିତ ସହଯୋଗରେ ଶିଶୁ ସୁରକ୍ଷା ଅଧିନିୟମ ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାର ସବୁ ଥାନାର ପୁଲିସ ଅଧିକାରୀ, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟର ଅଧିକାରୀ ଓ ଅନ୍ୟ ଅଂଶୀଦାର ସମୂହ ସାମିଲ ହୋଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇ କହିଥିଲେ ଯେ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା କ୍ଷେତ୍ରରେ ସମାଜର ପ୍ରମୁଖ ଦାୟିତ୍ୱବୋଧ ରହିଛି । ଆମଦେଶରେ ଶିଶୁମାନଙ୍କ ସାମଗ୍ରିକ ବିକାଶ ଓ ସୁରକ୍ଷା ପାଇଁ ଅଧିନିୟମ ଓ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ଆଇନର ସଠିକ କାର୍ଯ୍ୟକାରିତା ପାଇଁ ଜନ ସଚେତନତାର ଆବଶ୍ୟକତା ଅଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ । ଜିଲ୍ଲାରେ ପୋଲିସ ଅଧିକାରୀମାନଙ୍କୁ ଶିଶୁ ଯୌନ ଅପରାଧରୁ ସୁରକ୍ଷା ଅଧିନିୟମ ୨୦୧୨ ଓ ବନ୍ଧକ ଶ୍ରମ ପ୍ରଥା ଉଚ୍ଛେଦ ଆଇନ-୧୯୭୬ ପ୍ରଶିକ୍ଷଣ ଦିଆଯାଇଥିଲା । ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶିତିକଣ୍ଠ କାନୁନଗୋ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ତାଲିମ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଦିବ୍ୟଭୂଷଣ ମହାନ୍ତି ସୁରକ୍ଷା ଲୋଡୁଥିବା ପିଲାମାନଙ୍କୁ କମିଟିରେ ଉପସ୍ଥାପନ ଓ ଥଇଥାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଉତ୍କଳ ସେବକ ସମାଜର ସମ୍ପାଦକ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକର ବରିଷ୍ଠ ଆଇନଜୀବୀ ଡ. ଅମିୟ ଭୂଷଣ ବିଶ୍ୱାଳ ବିଷୟ ବିଶାରଦ ଭାବେ ଯୋଗଦେଇ ବନ୍ଧକ ଶ୍ରମ ପ୍ରଥା ଉଚ୍ଛେଦ ଆଇନ-୧୯୭୬ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେହିପରି ବିଶିଷ୍ଟ ଆଇନଜୀବୀ ଓ ଶିଶୁ ସୁରକ୍ଷା ବିଶେଷଜ୍ଞ ପ୍ରମୋଦ କିଶୋର ଆଚାର୍ଯ୍ୟ ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଅଧିନିୟମ-୨୦୧୨ ଉପରେ ପ୍ରଶିକ୍ଷଣ ପ୍ରଦାନ କରି ଏହାର ବିଭିନ୍ନ ଆଇନଗତ ଦିଗ ଏବଂ ପୁଲିସର ଭୂମିକା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ଏହି ତାଲିମ ଶିବିରରେ ଜିଲ୍ଲାର ବିଭିନ୍ନ ଥାନାର ଆଇ.ଆଇ.ସି, ଏସ.ଆଇ, ଏ.ଏସ.ଆଇ, ଏସ.ଜେ.ପି.ୟୁ ଅଧିକାରୀ, ଚାଇଲ୍ଡ ହେଲ୍ପ ଲାଇନ, ସାମାଜିକ ସଂଗଠନ ଉତ୍କଳ ସେବକ ସମାଜ, ଆଇ.ଜେ.ଏମ କର୍ମକର୍ତ୍ତା ଓ ଶିଶୁ ସୁରକ୍ଷା କର୍ମୀ ପ୍ରମୁଖ ଯୋଗଦେଇଥିଲେ । ଶିଶୁ ସୁରକ୍ଷା କର୍ମୀ ମଂଟୁ ଦାସ ଜିଲ୍ଲାରେ ଶିଶୁମାନଙ୍କ ସମସ୍ୟା ଓ ସମାଧାନର ମାର୍ଗ ଉପରେ ଆଲୋକପାତ କରିଥିଲେ । ପ୍ରଶିକ୍ଷଣରେ ଜିଲ୍ଲା ମହିଳା ହବ୍ ସଂଯୋଜକ ପ୍ରଭାତ ଘଡେଇ, ଏକକ ରହଣି କେନ୍ଦ୍ରର ପରିଚାଳିକା ନିବେଦିତା ଶରଣ, ଚାଇଲ୍ଡ ହେଲ୍ପ ଲାଇନ ସଂଯୋଜକ ବରେନ୍ଦ୍ରକୃଷ୍ଣ ଦାସ, ଶକ୍ତି ସଦନର ଅଧକ୍ଷା ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ଅଧିକାରୀ ରୋଜାଲିନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

**ଭାରତୀୟ ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ ଖଡ଼ଗପୁର**



**ବିଜ୍ଞାପନ ସଂ.: ଆର/୦୫/୨୦୨୬ ଦିନାଙ୍କ ଜୁନ ୧୦,୨୦୨୬**




ଭାରତୀୟ ନାଗରିକଙ୍କ ଠାରୁ ସଂସ୍ଥାନ ନିମ୍ନଲିଖିତ ପଦବୀ ପାଇଁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛନ୍ତି:

**(୧) ପେଶାଗତ ଶିକ୍ଷାନବିସ (ଅର୍ଥ ଏବଂ ହିସାବ) - ୧୦ ପଦବୀ**

ଶିକ୍ଷାଗତ ଯୋଗ୍ୟତା, ବୟସ ଏବଂ ଅପ୍‌ଡେଟ୍ ସମ୍ପର୍କିତ ସବିଶେଷ ପାଇଁ https://www.iikgp.se.in/non-teaching-positions ଦେଖନ୍ତୁ ।

cbc 21255/11/0003/2627 **କୁଳ ସଚିବ**




ସଂସାରରେ କାହାର ମୃତ୍ୟୁ ହୁଏ ? ସମସ୍ତେ କହିବେ 'ଦେହ'ର କିନ୍ତୁ ନାଁ ପ୍ରକୃତରେ ମୃତ୍ୟୁ ହୁଏ 'ମୁଁ'ର । କାହିଁକି ନା ଅମୁକର ଦେହ, ନାମ, ଗାଁ, ଠିକଣା ରହିଯିବ କିନ୍ତୁ ମୁଁ' ଶବ୍ଦଟି ଲିଭିଯାଏ ।

# ଆଜିକାଲି



*ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଳେନ ଚ ।*
*ଯଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ॥*
*(ଶ୍ରୀମଦ୍ ଭଗବଦ୍ ଗୀତା)*

ଭାବାର୍ଥ : ଅଗ୍ନି ଯେପରି ଧୂଆଁରେ ଆବୃତ ହୋଇଥାଏ । ଦର୍ପଣ ଯେପରି ଧୂଳିଦ୍ୱାରା ଆବୃତ ହୋଇଥାଏ ତଥା ଗର୍ଭ ଯେପରି ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ, ଏହି ଜ୍ଞାନ ସେହିପରି କାମ ଦ୍ୱାରା ଆବୃତ ହୋଇ ରହିଥାଏ

## ଜନଗଣନାର ପ୍ରଥମ ପର୍ଯ୍ୟାୟ ଶେଷ

ରାଜ୍ୟରେ ଚାଲିଥିବା ଜନଗଣନା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଗୁରୁବାର ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମୀକ୍ଷା କରିଛନ୍ତି । ବୈଠକରେ ଜନଗଣନା ଅଭିଯାନର ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ଜନଗଣନାର ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଗୃହ ତାଲିକାକରଣ କାର୍ଯ୍ୟ ଏବଂ ଆବାସ ଗଣନା ସଫଳତାର ସହ ସମ୍ପନ୍ନ ହୋଇଥିବା ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀଙ୍କୁ ଅବଗତ କରାଇଥିଲେ । ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ବିଭିନ୍ନସ୍ତରରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ସମନ୍ୱିତ ପ୍ରୟାସ ଫଳରେ ଜନଗଣନା କାର୍ଯ୍ୟ ସୁଚାରୁରୂପେ ସମାପ୍ତ ହୋଇଥିବା ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜନଗଣନା କର୍ମକର୍ତ୍ତା, ଜିଲ୍ଲାପାଳ, ପୌର କମିଶନର, ଜନଗଣନାକାରୀ ଏବଂ ସୁପରଭାଇଜରମାନଙ୍କ ନିଷ୍ଠାପୂର୍ଣ୍ଣ ଏବଂ ସମର୍ପିତ ଦାୟିତ୍ୱ ସମ୍ପାଦନ ପାଇଁ ପ୍ରଶଂସା କରିଥିଲେ । ରାଜସ୍ୱ ସଚିବ କହିଥିଲେ ଯେ, ଜନଗଣନା ଭଳି ଏକ ବୃହତ୍ ଜାତୀୟ କାର୍ଯ୍ୟକ୍ରମର ସଫଳ ରୂପାୟନରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରିପ୍ରେକ୍ଷୀରେ ଜନଗଣନାର ପରବର୍ତ୍ତୀ ପର୍ଯ୍ୟାୟ ଜନସଂଖ୍ୟା ଗଣନା ପାଇଁ ଆବଶ୍ୟକ ପ୍ରସ୍ତୁତି, କାର୍ଯ୍ୟଯୋଜନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ସୁବିସ୍ତୃତ ଆଲୋଚନା ହୋଇଥିଲା । ସମସ୍ତ ପ୍ରସ୍ତୁତିକୁ ସମୟବଦ୍ଧ ଭାବେ ସମ୍ପନ୍ନ କରି ଆଗାମୀ ପର୍ଯ୍ୟାୟକୁ ସଫଳ କରିବା ଉପରେ ରାଜସ୍ୱ ସଚିବ ଗୁରୁତ୍ୱାରୋପ କରିଥିଲେ କ୍ଷ ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଆବାସ ଜନଗଣନା ୧୬ ଏପ୍ରିଲ ୨୦୨୬ ଠାରୁ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ୩୦ ଦିନ ଧରି ସଫଳତାର ସହ ଅନୁଷ୍ଠିତ ହୋଇଛି । ଏହା ସହିତ ସ୍ୱୟଂ-ଗଣନା କାର୍ଯ୍ୟକ୍ରମ ୧ ଏପ୍ରିଲ ୨୦୨୬ ଠାରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ସମ୍ପନ୍ନ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ମସିହା ଫେବୃଆରୀ ମାସରେ କରାଯିବ । ଶେଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜନଗଣନା ଦଳକୁ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଶୁଭେଚ୍ଛା ଜଣାଇବା ସହ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ଆଶା ପ୍ରକାଶ କରିଥିଲେ । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ପ୍ରଜ୍ଞାଧାରା ମିଶ୍ର, ଶ୍ରୀମତୀ ଆଲୋମଣି ସେଠୀ, ଜନଗଣନାର କାର୍ଯ୍ୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ସିଂହ ଏବଂ ଶ୍ରୀ ହରାଧନ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁଦ୍ଧ ଓ ଶାନ୍ତି

◆ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ପ୍ରଥମ ବିଶ୍ୱଯୁଦ୍ଧର ଭିତି ପ୍ରସ୍ତର ଆଜିର (୨୮ ଜୁନ୍ ୧୯୧୪) ଦିନରେ ହୋଇଥିଲା । ତେବେ ସରକାରୀ ଭାବେ ଏହି ଯୁଦ୍ଧର ଘୋଷଣା ୨୮ ଜୁଲାଇ ୧୯୧୪ରେ ହୋଇଥିଲା । ଆର୍କଡ୍ୟୁକ୍ ଫ୍ରାଞ୍ଜ ଫେରଡିନ୍ୟାଣ୍ଡ ଯିଏକି ଅଷ୍ଟ୍ରିୟା ସିଂହାସନର ଆଗାମୀ ଉ□ରାଧିକାରୀ ଥିଲେ । ସେ ଓ ତାଙ୍କ ପତ୍ନୀ ବୋସନିଆ ସହରର ସରାଜେଭୋ ଅ□ଳକୁ ବୁଲିବାକୁ ବାହାରି ଥିଲେ । ଏହି ସମୟରେ ଏକ ବୋମା ତାଙ୍କ ଗାଡ଼ି ଉପରେ ନିକ୍ଷେପ କରାଗଲା, ତେବେ ଅଳ୍ପକେ ବର୍ତ୍ତିଯାଇଥିଲେ ଆର୍କଡ୍ୟୁକ୍ ଓ ତାଙ୍କ ପତ୍ନୀ । ଆତଙ୍କ ସତ୍ତ୍ୱେ ଉଭୟ ପତିପତ୍ନୀ ତାଙ୍କର ଏହି ପରିଭ୍ରମଣକୁ ଅବ୍ୟାହତ ରଖିଥିଲେ । ପରବର୍ତ୍ତୀ ସମୟରେ ଏକ ଗୁପ୍ତ ହତ୍ୟାକାରୀ ତାଙ୍କୁ ଗୁଳି କରି ହତ୍ୟା କରିଥିଲା । ହତ୍ୟାକାରୀ ଥିଲା ସର୍ବିଆର ଏକ ନାଗରିକ । ଏହି ଘଟଣାକୁ ନେଇ ଅଷ୍ଟ୍ରିୟାମାନେ ସର୍ବିଆ ଉପରେ କ୍ରୋଧ ପ୍ରକାଶ କରିଥିଲେ । ଦିନର ପ୍ରାରମ୍ଭରେ ସାରାଜେଭୋ ପାଇଁ ଦିନଟି ବେଶ୍ ଆନନ୍ଦଦାୟକ ଥିଲା । ତେବେ ପରବର୍ତ୍ତୀ ସମୟରେ ଏହା ବିଶ୍ୱ ପାଇଁ କଳା ଦିନରେ ପରିଣତ ହୋଇଥିଲା । ଦିନ ୧୧ଟା ସୁଧା ଅଷ୍ଟ୍ରିୟା - ହଙ୍ଗେରି ସାମ୍ରାଜ୍ୟର ପତନ ଘଟିଥିଲା ଏହା ହିଁ ସୂତ୍ରପାତ କରିଥିଲା ବିଶ୍ୱ ଯୁଦ୍ଧର ଘନଘଟା । ସମଗ୍ର ୟୁରୋପ ଏକ ଭୟଙ୍କର ଯୁଦ୍ଧର ସାମ୍ନା କରିଥିଲା । ଟଳି ପଡ଼ିଥିଲେ ଲକ୍ଷ ଲକ୍ଷ ସୈନିକ ଓ ନିରୀହ ଜନତା । ସବୁଠାରୁ ପତାକା ଛାଇ ଯାଇଥିଲା । ୮୦ତମ ବିଶ୍ୱଯୁଦ୍ଧର ବାର୍ଷିକୀ ୧୯୯୪ ମସିହାରେ ଘୋଷଣା କରିଥିଲା ଅଷ୍ଟ୍ରିୟାନ ରେଡ଼ିଓ । ଏହାଥିଲା ଘଟଣାର ଶହେ ବର୍ଷ ଅତିବାହିତ ହେବା ପରେ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅଭିମତ । ଏହି ଯୁଦ୍ଧରେ ଛଅ କୋଟି ସେନା ସାମିଲ ହୋଇଥିଲେ ଏବଂ ଯେଉଁଥିରେ ନିହିତ ହୋଇଥିଲେ ୩.୭୫ କୋଟି । ଏହି ଯୁଦ୍ଧ ୧୧ ନଭେମ୍ବର ୧୯୧୮ରେ ସମାପ୍ତ ହୋଇଥିଲା । ଶହେ ତିନି ବର୍ଷ ପରେ ମଧ୍ୟ ଆଜି ସମଗ୍ର ବିଶ୍ୱ ଏକ ପ୍ରକାର ଅଘୋଷିତ ଯୁଦ୍ଧର ଦାବାନଳରେ ଛଟପଟ ହେଉଛି । ଇରାକ ଠାରୁ ସିରିଆ, ୟେମନ୍ ଠାରୁ ମିଆଁମାର୍, ଶ୍ରୀଲଙ୍କା ଠାରୁ ଇସ୍ରାଏଲ ସବୁଠି ଆଜି ଯୁଦ୍ଧର ଯେଉଁ ଭୟାନକ ବିଭୀଷିକା ଦେଖଯାଉଛି ସେଥି ଭିତରେ ଲକ୍ଷ ଲକ୍ଷ ସାଧାରଣ ଜନତା ହିଁ ପ୍ରଥମ ଶିକାର ପାଲଟୁଛନ୍ତି । କୋଟି କୋଟି ଟଙ୍କାର ସମ୍ପତି ଧ୍ୱଂସ ସ୍ତୂପରେ ପରିଣତ ହେଉଥିବା ବେଳେ ପ୍ରାଚୀନ ସମୟର ଐତିହାସିକ କୀ□ରାଜି ବି ଧୂଳିସାତ୍ ପାଲଟି ଯାଉଛି । ମିଳିତ ଜାତିସଂଘ ଯୁଦ୍ଧର ବିଭୀଷିକା ଭିତରେ ଶାନ୍ତିର ସହାବସ୍ଥାନ ସ୍ଥିତି ପାଇଁ ଅନେକ ଆଲୋଚନା, ସଚେତନତା ଓ ଉଦ୍ୟମ ଜାରି ରଖୁଥିଲେ ବି ସବୁ କ୍ଷେତ୍ରରେ କିନ୍ତୁ ଶାନ୍ତି ପ୍ରାପ୍ତ ପାଇଁ ଅନେକ ବଳୀଦାନ ଦେବାକୁ ପଡୁଛି । ଶ୍ରୀଲଙ୍କାର ଏଲ୍‌ଟିଟିଙ୍କ ସହ ପରି ଗୃହଯୁଦ୍ଧ ହୁଏତ ଏକ ପ୍ରକାର ଅଟକି ଯାଇଛି କିନ୍ତୁ ଇରାକରେ ଯେଉଁ ଧ୍ୱଂସର ଲୀଳା ଚାଲିଥିଲା ତାହା ପରବର୍ତ୍ତୀ ସମୟରେ ଆଇଏସଆଇ ଆତଙ୍କବାଦୀଙ୍କ ଦ୍ୱାରା କବଳିତ ହୋଇଛି । ଯୁଦ୍ଧର ଭୟାନକ ଘନଘଟା ଭିତରେ ସଂପୃକ୍ତ ଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ରୂପେ ଭୁଷୁଡ଼ି ଯାଉଛି । କେବଳ ସେତିକି ନୁହେଁ ପରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ସମ୍ପୃକ୍ତ ସ୍ଥାନର ସାମଗ୍ରିକ ବିକାଶ ଧ୍ୱଂସର ଦାବାନଳରେ ମରୁକ୍ଷେତ୍ର ପରି ପରିଣତ ହୋଇଯାଉଛି । ପରିବେଶ କ୍ଷେତ୍ରତ ଅତ୍ୟନ୍ତ ସଙ୍କଟଜନକ ସ୍ଥିତିରେ । ତେବେ ଏ ସବୁ ଭିତରେ ପ୍ରଶ୍ନ ଉଠୁଛି ପ୍ରଥମ ବିଶ୍ୱଯୁଦ୍ଧର ଘନଘଟାର ପରିବର୍ତ୍ତିତ ସ୍ଥିତି କ'ଣ ଏଯାବତ୍ ଲାଗି ରହିଥିବା ଏହି ପୃଥିବୀ ପୃଷ୍ଠରେ ? ସମଗ୍ର ବିଶ୍ୱରେ ସର୍ବବୃହ□ ଗଣତାନ୍ତ୍ରିକ ଓ ବିକାଶଶୀଳ ରାଷ୍ଟ୍ରର ମର୍ଯ୍ୟାଦା ପାଇବା ସହ ଧର୍ମନିରପେକ୍ଷତାକୁ ନିଜ ଦେଶର ମୂଳମନ୍ତ୍ର ଭାବେ ଗ୍ରହଣ କରିଥିବା ଆମ ଭାରତ ବର୍ଷ ହୁଏତ ଆଜି ବାହ୍ୟ ଶତ୍ରୁଙ୍କ ଦ୍ୱାରା ଯୁଦ୍ଧର ଭୟାନକ ରୂପ ଭିତରେ କବଳିତ ନାହିଁ କିନ୍ତୁ ସୀମାପାର ଆତଙ୍କବାଦରେ ଛଟପଟ ହେଉଛି ଏହି ଶାନ୍ତି ଓ ପ୍ରେମର ବାର୍ତ୍ତାକୁ ଗ୍ରହଣ କରୁଥିବା ଆମ ପ୍ରିୟ ମାତୃଭୂମି । ଅହିଂସାର ରାସ୍ତାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମାର୍ଗକୁ ଅନୁସରଣ କରି ଏହି ମାଟି ଶକ୍ତିଶାଳୀ ଗୋରା ଫଉଜଙ୍କ ଶାସନରୁ ନିଜକୁ ସ୍ୱାଧୀନ କରିଥିଲେ ବି ପାକିସ୍ତାନ ପରି ପଡ଼ୋଶୀ ରାଷ୍ଟ୍ର ଠାରୁ ସୀମାପାର ଆତଙ୍କବାଦକୁ ନେଇ କ୍ଷେତାକ୍ତ ହେଉଛି ଆମ ଜନ୍ମଭୂମି । ଗୌତମ ବୁଦ୍ଧଙ୍କ ଶାନ୍ତି ଓ ପ୍ରେମର ବାର୍ତ୍ତା ଭିତରେ ଭାରତର ଏହି ପ୍ରାଚୀନ ଉତ୍କଳରେ ସମ୍ରାଟ ଅଶୋକଙ୍କର ଚଣ୍ଡାଶୋକରୁ ଧର୍ମାଶୋକ ଭାବେ ରୂପାନ୍ତରଣ ସମଗ୍ର ବିଶ୍ୱ ପାଇଁ ନିଶ୍ଚିନ୍ତ ଭାବରେ ଯୁଦ୍ଧ ଭିତରେ ଶାନ୍ତିକୁ ପ୍ରାପ୍ତିର ସଂକଳ୍ପ ରଖୁଥିବା ଚିନ୍ତନର ଉଜ୍ଜ୍ୱଳ ଆଲୋକବର୍ତ୍ତିକା । ତେବେ ବ□ମାନ ଭାରତ ବର୍ଷ ଭିତରେ ଆଭ୍ୟନ୍ତରୀଣ ଆତଙ୍କବାଦ ବୋଇଲେ ନକ୍ସଲ ଓ ସୀମାପାରରୁ ଆତଙ୍କବାଦର ତାଲିମପ୍ରାପ୍ତ ଜେହାଦୀଙ୍କ ଲୋଲୁପ ସଂହାର ଲୀଳା ଭିତରେ ଆଜି ବି ଭାରତ ଅଣନିଶ୍ୱାସୀ ହୋଇଯାଉଛି । ସମଗ୍ର ବିଶ୍ୱ ପାଇଁ ଶାନ୍ତି, ସହଯୋଗ ଓ ପ୍ରୀତିପୂର୍ଣ୍ଣ ସହବସ୍ଥାନର ମାର୍ଗ ଦେଖାଉଥିବା ଏହି ଭାରତ ବର୍ଷର ଅର୍ଥନୀତି ଦିନକୁ ଦିନ ସୁଦୃଢ଼ ହେଉଛି । ବିଶେଷକରି ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗଢ଼ା ହୋଇଥିବା ନୂଆ ସରକାର ଆତଙ୍କବାଦ ପାଇଁ କଡ଼ା ଦମନ ନୀତି ଗ୍ରହଣ କରିଛନ୍ତି ଯାହାକି ନିକଟରେ ପଡ଼ୋଶୀ ମିଆଁମାର୍‌ରେ ପ୍ରଦର୍ଶିତ ହୋଇଥିଲା । କିନ୍ତୁ ଏ ସବୁ ସତ୍ତ୍ୱେ ସର୍ବାଦୌ ଗୁରୁତ୍ୱ ପ୍ରଦାନ କରିଛି ଅହିଂସାର ରାସ୍ତାରେ ଶାନ୍ତିର ପ୍ରଗତିକୁ ମୂଳମନ୍ତ୍ର କରିବା ପାଇଁ । ଆଜି ଆମ ଭାରତବର୍ଷର ଏହି ଅହିଂସାର ରାସ୍ତାକୁ ସମ୍ମାନର ସହିତ ଗ୍ରହଣ କରିଛନ୍ତି ପୃଥିବୀର ଶକ୍ତିଶାଳୀ ରାଷ୍ଟ୍ର କୁହାଯାଉଥିବା ଆମେରିକା ହେଉ ବା ଦୀର୍ଘ ଦିନର ବନ୍ଧୁ ରାଷ୍ଟ୍ର ଋଷ, ଏସିଆରେ ନିଜର ଆଧିପତ୍ୟ ବିସ୍ତାର କରୁଥିବା ଚୀନ ହେଉ ବା ଜାପାନ । କେବଳ ସେତିକି ନୁହେଁ ମୁସଲମାନ ବହୁଳ ରାଷ୍ଟ୍ରମାନେ ମଧ୍ୟ ଭାରତର ଏହି ଅହିଂସାର ପଥକୁ ସମୁଜ୍ଜଳ ଦୃଷ୍ଟାନ୍ତ ଭାବେ ଗ୍ରହଣ କରୁଛନ୍ତି । ଯୁଦ୍ଧ ହେଉ ବା ହିଂସା ଏ ସବୁ ଭିତରେ ଭରି ରହିଥାଏ ଯେଉଁ କଷଣ ତାହା ମାନବ ଜାତି ପାଇଁ ନିଶ୍ଚିନ୍ତ ଭାବରେ ଘାତକ । ନିଜ ଜୀବନକୁ, ସମାଜ ସର୍ବୋପରି ନିଜ ରାଷ୍ଟ୍ର ପାଇଁ ଉତ୍ସର୍ଗର ଚିନ୍ତନ ରଖି ନିଜ ଦେଶ ପାଇଁ ସାମଗ୍ରୀକ ପ୍ରଗତିରେ ସାଥୀ ହୋଇ ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ସାଜିବାର ପବିତ୍ର ଦିନଟି ହେଉଛି ଆଜି । ଏହି ଅନୁଚିନ୍ତନ ଆମ ସମସ୍ତଙ୍କ ଭିତରେ ଅନୁପ୍ରାଣୀତ ହେଉ ଏହା ହିଁ ଆଜି ଦିବସର ସ୍ମୃତି କାମନା ।

*ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ଶିକ୍ଷକ ଓ ଶିକ୍ଷାନୁଷ୍ଠାନ

◆ କାଳୀ ଦାସ



ଭାରତରେ ଜ୍ଞାନ ଓ ଗୁରୁ ଯୁଗେ ଯୁଗେ ସମ୍ମାନିତ ହୋଇଛନ୍ତି କିନ୍ତୁ ଆଜିର ସମାଜ ରେ ତଥା କଥିତ ଜ୍ଞାନ ଓ ଜ୍ଞାନଦାତା ' ଗୁରୁଙ୍କର ସମ୍ମାନ ସେହି ପରି ନାହିଁ । ଦିନଥିଲା ଏହି ଦେଶରେ ବିଦ୍ୟାର୍ଥୀଙ୍କ ପାଇଁ ଗୁରୁ ସ୍ୱୟଂ ଭଗବାନଙ୍କ ରୂପେ ହେଉଥିଲେ । ଆଜି ସେ ସମୟ ଆଉ ରହିଲା ନାହିଁ ।ଗୁରୁ ଓ ଶିଷ୍ୟଙ୍କ ଭିତରେ ସେ ସମ୍ପର୍କ ରହିନି । ଗୁରୁ ବା ଶିକ୍ଷକ ଆଜିକାଲି ଆଦର୍ଶ ର ଏକ ପ୍ରତିମୂର୍ତ୍ତୀ ହୋଇ ଠିଆହୋଇ ନାହାନ୍ତି ବରଂ ଅନେକ ସ୍ଥାନରେ ଗୁରୁ ବା ଶିକ୍ଷକ ନିଜର ଲାଭ ପାଇଁ କିମ୍ବା ପଇସା ପାଇଁ କାମ କରିଥାଆନ୍ତି । ଶିକ୍ଷାନୁଷ୍ଠାନ ଗୁଡିକରେ ନାନା ଅସାମାଜିକ କାର୍ଯ୍ୟ ଦେଖିବାକୁ ମିଳୁଛି ।ଶିକ୍ଷକ ମାନେ ପଇସା ନେଇ ଛାତ୍ର ଛାତ୍ରୀଙ୍କୁ ପାସ କରିବା ଛାତ୍ରୀଙ୍କ ସହିତ ଅସଦାଆଚରଣ କରିବା ମଧ୍ୟ ଦୃଷ୍ଟି ଗୋଚର ହୋଇଛି । ସରକାରୀ ସ୍କୁଲ ରେ ଛାତ୍ର ଛାତ୍ରୀଙ୍କୁ ବିତରଣ କରାଯାଇଥିବା ୟୁନିଫର୍ମ ଗୁଡ଼ିକୁ ନିର୍ଦ୍ଧାରିତ ମୂଲ୍ୟ ରେ ନ କିଣି କମ ପଇସା ରେ କିଣାଯାଇ ସେଥି ରୁ ପଇସା ଆତ୍ମସାତ କରିବା ଘଟଣା ମଧ୍ୟ ଦେଖିବାକୁ ମିଳୁଛି । ସରକାରୀ ସ୍କୁଲରେ ବିତରଣ କରାଯାଇଥିବା ଖାଦ୍ୟ ରେ ସମୟ ସମୟରେ ଅନେକ ପ୍ରକାର ଆନିୟମିତା ଦୃଷ୍ଟି ଗୋଚର ହୋଇଛି । ବିଗତଦିନ ପାଇଖିନା ଭିତରେ ପିଲାଙ୍କୁ ପାଠ ପଢାଉଥିବା ଦୃଶ୍ୟ ଦୃଷ୍ଟି ଗୋଚର ହୋଇଥିଲା ।ଆମର ଶିକ୍ଷାନୁଷ୍ଠାନ ଓ ଶିକ୍ଷକ ମାନେ ଯଦି ଦେଶର ଭବିଷ୍ୟତ ହେବାକୁ ଯାଉଥିବା ଶିଶୁ ମାନଙ୍କୁ ସତ୍ ଶିକ୍ଷା ରୁ ବଂଚିତ କରିବେ ତାହେଲେ ଦେଶ କେଉଁ ଦିଗ କୁ ଗତି କରିବ ? ବର୍ତମାନ ସମଗ୍ର ବିଶ୍ୱ ବିନାଶ ଦିଗକୁ ଗତି କରୁଛି ।ମାନବ ସମାଜ ସ୍ୱାର୍ଥର ମୁହାଣ ପାଖରେ ଠିଆ ହୋଇଛି ।ଯୁଦ୍ଧ ଓ ନରସଂହାର ଅହରହ ଚାଲିଛି ।ଯେଉଁ ଦେଶ ପାଖରେ ଯେତେ ସଂଖ୍ୟା ରେ ମାରଣାସ୍ତ୍ର ରହିଛି ସିଏ ସେତେ ଶକ୍ତିଶାଳୀ ବୋଲି ଗଣତି ହୋଇଛି । ଆମର ପରିବେଶ ନଷ୍ଟ ହୋଇ ଚାଲିଛି । ପ୍ରଦ୍ୟୁଷଣ ଆକାଶ ଛୁଇଁଲାଣି ଏହି ସମୟରେ ଦେଶର ଶିକ୍ଷା ବ୍ୟବସ୍ଥା ଯଦି କଳଙ୍କିତ ହେବ ତାହେଲେ ଭାରତ ପରି ଏକ ମହାନ ଦେଶର ଭବିଷ୍ୟତ କଣ ହେବ । ଭାରତର ଶିକ୍ଷା ପଦ୍ଧତି ବ୍ୟୟ ସାପେକ୍ଷ ହୋଇଗଲାଣି । ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକ ନିଜ ମାନଦଣ୍ଡ କୁ ବଢାଇ ପାରୁନାହାନ୍ତି । ଛତୁ ଫୁଟିଲା ପରି ବଢ଼ି ଯାଇଥିବା ଘରୋଇ ବା ପ୍ରାଇଭେଟ ସ୍କୁଲ ଗୁଡିକରେ ସ୍କୁଲଫିସ ସାଧାରଣ ଲୋକଙ୍କ ପହଂଚ ଠାରୁ ଦୂରରେ ।ମୋଟା ଟଙ୍କା ଦେଇ ଅଯୋଗ୍ୟ ବିଦ୍ୟାର୍ଥୀ ମାନେ ଡାକ୍ତର ଓ ଇଂଜିନିୟର ହୋଇ ଯାଉଛନ୍ତି । ଯୋଗ୍ୟତା ପଇସା ଏବଂ 'କୋଟା' ରାଜନୀତି ଆଗରେ ହାରିଯାଉଛି । ଭାରତୀୟ ସମ୍ବିଧାନ ର ୮୬ ତମ ସଂଶୋଧନ ରେ ଧାରା ୨୧ଇ କୁ ଅର୍ନ୍ତଭୁକ୍ତ କରାଗଲା ।ଏଥିପାଇଁ କି ଭାରତର ସମସ୍ତ ଶିଶୁ ଶିକ୍ଷା ପାଇପାରିବେ । କୌଣସି ବି ଶିଶୁ ଶିକ୍ଷା ରୁ ବଂଚିତ ହେବନାହିଁ ।ଏହି ଧାରା ଅନୁସାରେ ୬ ବର୍ଷ ଠାରୁ ୧୪ ବର୍ଷର ଶିଶୁ ମାନଙ୍କୁ ସରକାରଙ୍କ ତରଫରୁ ନିଃଶୁଳ୍କବା ବିନା ଖର୍ଚ୍ଚରେ ଶିକ୍ଷା ଦିଆଯିବା ଏବଂ ଶିକ୍ଷା ସେମାନଙ୍କ ଫଣ୍ଡାମେଂଟାଲ ରାଇଟ ବା ମୌଳିକ ଅଧିକାର ରେ ଅର୍ନ୍ତଭୁକ୍ତ କରାଗଲା ।ଏହି ମୌଳିକ ଅଧିକାର କୁ ଏପ୍ରେଲ ୧-୨୦୧୦ ରେ ଲାଗୁ କରାଗଲା ।ଏହା ସହିତ ସରକାରୀ ଶିକ୍ଷାନୁଷ୍ଠାନ ରେ ସିକ୍ଷାରତ ଶିକ୍ଷକଙ୍କୁ ଟ୍ୟୁସନ ନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଗଲା ।କିନ୍ତୁ ଆଜିକାଲି ସରକାରୀ ଅନୁଷ୍ଠାନ ରେ ଶିକ୍ଷାରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଘରୋଇ ଟ୍ୟୁସନ କରୁଛନ୍ତି ।ଏବଂ ଶିକ୍ଷାନୁଷ୍ଠାନ କୁ ସମୟ ଦେଇପାରୁନାହାନ୍ତି । ସରକାରୀ ଶିକ୍ଷକଙ୍କୁ ଘରୋଇ ଟ୍ୟୁସନ ନକରିବା ପାଇଁ ନିର୍ଦ୍ଦେଶ ଦେବା ପଛରେ ସରକାରଙ୍କ ଏହି ଉଦ୍ଦେଶ୍ୟ ରହିଥିଲେ ଯେ ସରକାରୀ ଶିକ୍ଷକ ମାନେ ନିଜର ସମସ୍ତ ସମୟ ନିଜେ କାମ କରୁଥିବା ଶିକ୍ଷାନୁଷ୍ଠାନ ପାଇଁ ଉତ୍ସର୍ଗ କରିବେ ।ଯଦି ଅର୍ଥର ପ୍ରଲୋଭନ ରେ ପଡ଼ି ଟ୍ୟୁସନ କରିବେ ତାହେଲେ ସେମାନେ ଛାତ୍ର ଛାତ୍ରୀଙ୍କ ପାଇଁ ନିରପେକ୍ଷ ହୋଇ ପାରିବେ ନାହିଁ । ଯେତେବେଳେ ଯାଏଁ ଦେଶର ଶିକ୍ଷା ଅନୁଷ୍ଠାନ ଗୁଡ଼ିକ ନୈତିକତାର ମାନଦଣ୍ଡ କୁ ସମ୍ମାନ ଦେବେନାହିଁ ସେତେବେଳେ ଯାଏଁ ଆମେ ଆମର ଭବିଷ୍ୟତ ଆମର ଶିଶୁ ମାନଙ୍କୁ ସଠିକ୍ ଶିକ୍ଷା ଦେଇ ପାରିବା ନାହିଁ ।ଆମ ଦେଶର ଆଦର୍ଶ ଧରାଶାୟୀ ହେବ ଆମର ଭବିଷ୍ୟତ ମଧ୍ୟ ଅନିଶ୍ଚିତ ତା ଭିତରେ ଗତି କରିବ ।ଶିକ୍ଷକ ବା ଅଧ୍ୟାପକଙ୍କୁ ତାଲିମ ଦେଲାବେଳେ ଏ ସମସ୍ତ ସମସ୍ୟା କୁ ଆଖି ଆଗରେ ରଖି ତାଲିମ ଦିଆଯିବା ଦରକାର । ଅସାମାଜିକ କାର୍ଯ୍ୟ ରେ ଲିପ୍ତ ହେଉଥିବା ଶିକ୍ଷକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେଲେ ଶିକ୍ଷାନୁଷ୍ଠାନ ସୁଚାରୁରୂପେ ଚାଲିପାରିବ । ନିକଟରେ ବ୍ରହ୍ମପୁରର ଏମକେଜି ମେଡିକାଲ କଲେଜ ର ଡିନ ବା ପ୍ରିନ୍ସିପାଲଙ୍କ ତରଫରୁ ବାରମ୍ୱାର ଚେତାବନୀ ଦେବାପରେ ବି ସିନିୟର ଛାତ୍ରଙ୍କ ଦ୍ୱାରା ଜୁନିୟର ଛାତ୍ରଙ୍କୁ ରେଗିଂ କରିବା ଘଟଣା ଲୋକଲୋଚନକୁ ଆସିଥିଲା ଏବଂ ସିନିୟର୍ ଛାତ୍ରଙ୍କୁ ଗିରଫ ମଧ୍ୟ କରାଗଲା ।ଭାରତୀୟ ଏଜୁକେସନ ଇନଷ୍ଟିଟ୍ୟୁସନ୍ ରେ କୌଣସି ଛାତ୍ର ଛାତ୍ରୀଙ୍କୁ ରେଗିଂ କରିବା ଏକ ଦଣ୍ଡନୀୟ ଆପରାଧ । ସମସ୍ତେ ଶିକ୍ଷାନୁଷ୍ଠାନ ରେ ରେଗିଂ କୁ ବନ୍ଦ କରାଯାଇଅଛି କିନ୍ତୁ ଅନେକ ସ୍ଥାନ ରେ ରେଗିଂ ଏବେ ମଧ୍ୟ ଚାଲିଛି ।ଶିକ୍ଷାନୁଷ୍ଠାନ ରେ ଯଦି ରେଗିଂ ବନ୍ଦ କରାଯାଏ ତାହେଲେ ନୂଆ ଆସୁଥିବା ଛାତ୍ର ଛାତ୍ରୀମାନେ ଭୟଭୀତ ହେବେନାହିଁ ।

*ବ୍ରହ୍ମପୁର, ଖୋଡାସିଂଗି କଳିଙ୍ଗନଗର. ଗଞ୍ଜାମ, ପିନ -୭୬୦୦୧୦*
*ଫୋନ ନମ୍ବର -୭୨୦୫୧୦୦୮୩୯*



## ଏଇତ ଦୁନିଆ

◆ ଇଂ. ବିଦ୍ୟାଧର ପଣ୍ଡା

ଏଇତ ଦୁନିଆ, ଏଠି ସମସ୍ତେ କ୍ଷତାକ୍ତ
ଅକ୍ଷତ ଜଣକୁ ଖୋଜିବା ସମ୍ଭବ ନୁହେଁ
ବାହାଘରଟା ଧୂମ୍‌ଧାମ୍‌ରେ ସରିଥିଲା
ଯୋଗାଡ ଯନ୍ତ୍ରରେ ସବୁ ଛୁଟି ଶେଷ
ଦଶ ମଙ୍ଗଳା ଦିନ ଡକରା ଆସିଗଲା
ଫେରିବା ପ୍ରସ୍ତୁତିହେଲା ଚେନ୍ନାଇସହର
କରମଣ୍ଡଳ ରେଳ ଏକମାତ୍ର ସାହାରା
ନବବଧୂର ତତଲା ଲୁହ ପୋଛିଦେଇ
ଏକମୁହାଁ ଦୂରଯାତ୍ରା ଅନୁକୂଳ କରିଥିଲି
ଶୁକ୍ରବାର ତ ସବୁଯାତ୍ରା ଶୁଭ ହୋଇଥାଏ
କିନ୍ତୁ ସେ ବାହାନଗାରେ କ'ଣ ହେଲା !
ହଠାତ୍ ମୋ ମୁଣ୍ଡଟା କାନ୍ଧରୁ କଟିଗଲା
ଆତ୍ମାଟି ଅଶରୀରି ହୋଇ ସେଠି ଦେଖୁଛି
ଅନେକଙ୍କର ମୁଣ୍ଡଗଣ୍ଡିହାତଗୋଡ ଅଲଗା
କଅଁଳଛୁଆ ଗୁଡା ଏଣେତେଣେ ପଡିଛନ୍ତି
ଦେଖୁଦେଖୁ ଗାଁ ଲୋକରେ ଜାଗାଟି ଭର୍ତି
କିଏ ମୃତକଙ୍କର ବେକସାରା ଅଣ୍ଡାଳୁଛି
ତ ଆଉକିଏ ଭଙ୍ଗା ଆଙ୍ଗୁଠିରୁ ମୁଦି କାଢୁଛି
ପାଖରେ ଜଣେ ଶରବିଦ୍ଧ ପକ୍ଷୀଟିଏ ପରି
ରକ୍ତ ଜୁଡୁବୁଡୁ, କଷ୍ଟରେ ଚିତ୍କାର କରୁଛି
ଏବେ ସେ ଚିତ୍କାରଗୁଡା କିଛିକାହାକୁ ଶୁଭୁନି
ପର୍ସ ସୁନା କଂଚାମାଲ୍ ଗୋଟେଇବାର ବେଳ
ନାବାଳିକାଟି ବିକଳହୋଇ ସାହାଯ୍ୟ ଗୁହାରିଛି
ସମାଜସେବୀ ହାରନେଇ ପଳେଇଗଲା ବେଳେ
କହୁଛି ଏ ହାରଟା ସୁନା ନୁହେଁ, ରୋଲ୍‌ଗୋଲ୍
ହାତଭାଙ୍ଗି ନଡନଡ ଯୋଗୁଁ ବାରଣ କରୁନି
ଏସବୁ ଦେଖିବା ଭିତରେ ସେମୁହଁ ବି ଦିଶିଲାଣି
କାନ୍ଦିକାନ୍ଦି ଅବସ୍ଥା ନାହିଁ, ଶବଭିତରେ ଖୋଜୁଛି
ଚିହ୍ନିବ କେମିତି ! ଶହଶହ ମୁଣ୍ଡଗଣ୍ଡି ତ ଅଲଗା
ବାସର ରାତି କେବଳ ଛଦିନ ହେଲା ଯାଇଛି
ଦଶଲକ୍ଷ ଟଙ୍କା ନେଇ ସିଏ ବା କ'ଣ କରିବ
ତା ପଛେପଛେ ମୋର ସମସ୍ତ ଆତ୍ମୀୟଙ୍କ ରଢ଼ି
ଆତ୍ମା କହୁଛି -ସତରେ କ'ଣ ଏଇଟା ହିଁ ଦୁନିଆ ।

# ଜନ୍ମ ସଂଖ୍ୟା ନିୟନ୍ତ୍ରଣରେ ବିସ୍ଫୋରଣ


◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଜନସଂଖ୍ୟା ହ୍ରାସ ଉଭୟ ଆହ୍ୱାନ ଓ ସୁଯୋଗର କାରଣ ହୋଇଥାଏ । ଗୋଟିଏ ପଟେ ଏହା ପ୍ରଜନନ କ୍ଷମତା ଓ ସମ୍ବଳର ଆବଟଂନ ବୃଦ୍ଧି ପାଇଁ ଆର୍ଶୀବାଦ ସଦୃଶ ହୋଇଥିବା ବେଳେ ଅନ୍ୟ ପଟେ ଏହା ଯୁବଶକ୍ତି ହ୍ରାସ ସହ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ଏବଂ ସ୍ୱାସ୍ଥ୍ୟଗତ ବ୍ୟୟ ବୃଦ୍ଧିର କାରଣ ହୋଇଥାଏ । ଦେଶରେ ଚଳିତ ବର୍ଷଠାରୁ ଶ୍ରମଶକ୍ତି ସଂକୁଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ତେବେ ଏଭଳି ସଂକଟ କେବଳ ଭାରତ ସମ୍ମୁଖୀନ ହୋଇନାହିଁ, ଚୀନ, ଜାପାନ, ସମେତ ବିଶ୍ୱର ବହୁ ବିକଶିତ ରାଷ୍ଟ୍ର ଏବେ ଯୁବ ଶକ୍ତିର ସଂଖ୍ୟା ହ୍ରାସ ଏବଂ ବୟସ୍କ ତଥା ବୃଦ୍ଧଙ୍କ ସଂଖ୍ୟା ବୃଦ୍ଧିରୁ ସମ୍ମୁଖୀନ ହୋଇଛନ୍ତି । ଯାହାକୁ ଜନ୍ମ ସଂଖ୍ୟା ନିୟନ୍ତ୍ରଣର ବିସ୍ଫୋରଣ ବୋଲି କୁହାଯାଇ ପାରେ । ମିଳିତ ଜାତିସଂଘ ଭାରତର ଜନସଂଖ୍ୟା ଏବେ ୧୪୬ କୋଟିରେ ପହଁଚିଛି । ବିଶ୍ୱ ଜନସଂଖ୍ୟା ୨୦୨୫ ଶିରୋନାମାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଏବେ ଭାରତରେ ଯେଉଁ ହାରରେ ରହିଛି, ବର୍ତମାନ ଠାରୁ ଆସନ୍ତା ୪୦ବର୍ଷ ପରେ ଏହାର ମୋଟ ଜନସଂଖ୍ୟା ୧୭୦କୋଟିରେ ପହଁଚିବ । ଏହାପରେ ଭାରତରେ ଭାରତର ଜନସଂଖ୍ୟା ଧିରେ ଧିରେ ହ୍ରାସ ପାଇବାରେ ଲାଗିବ । କହିବା ବାହୁଲ୍ୟ ଯେ, ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଂଗ୍ରାମ ଚଳାଇଥିବା ଗୋଟିଏ ଦେଶ ପାଇଁ ଏହା ଉତମ ଖବର ନିଶ୍ଚିତ । କାରଣ ଏବେ ଭାରତ ବିଶ୍ୱରେ ସର୍ବବୃହତ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଛି । ଜନସଂଖ୍ୟା ଚୀନକୁ ପଛରେ ପକାଇ ଭାରତ ପ୍ରଥମ ସ୍ଥାନ ଅଧିକାର କରିଛି । ଉଲ୍ଲେଖଯୋଗ୍ୟ ଯେ, ଭାରତର ମୋଟ ପ୍ରଜନନ ତଥା ଜନ୍ମ ହାର ୧.୯ କୁ ହ୍ରାସ ପାଇଛି, ଯାହାକି ଦେଶର ହାରାହାରି ଜନ୍ମହାର



୨.୧ ତଳେ ରହିଛି । ମୋଟ ଜନ୍ମହାର(ଟିଏଫଆର) ହ୍ରାସ ଗୋଟିଏ ରାଷ୍ଟ୍ର ପାଇଁ ଜନସଂଖ୍ୟା ହ୍ରାସ ଭାବେ ବିବେଚନା କରାଯାଇଥାଏ । ଏହା ନିସନ୍ଦେହ ଯେ, ଭାରତରେ ଜନ୍ମହାର ବା ଟିଏଫଆର ହ୍ରାସ ଏହାର ଜନସଂଖ୍ୟା ନିୟନ୍ତ୍ରଣ ପ୍ରୋଗ୍ରାମକୁ ସଫଳ କରିଛି ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ଷାଠିଏ ଦଶକରେ ଜଣେ ମହିଳାଙ୍କର ହାରାହାରି ୬ଜଣ ଶିଶୁଙ୍କର ଜନନୀ ହୋଇଥିବାବେଳେ ଏବେ ଗୋଟିଏ କିମ୍ବା ଦୁଇଟି ସନ୍ତାନରେ ସନ୍ତୁଷ୍ଟ ରହିଛନ୍ତି । ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଭାରତର ସଫଳତା ଉଲ୍ଲେଖନୀୟ, ଏହା ଯେ କେହି ସ୍ୱୀକାର କରିବେ । ଏହା ସତ୍ୟ ଯେ, ଶିକ୍ଷା ଓ ସଚେତନତା ଦ୍ୱାରା ଏହା ସମ୍ଭବ ହୋଇଛି ବୋଲି କୁହାଯାଇପାରିବ । ଜାତିସଂଘ ରିପୋର୍ଟ ଅନୁଯାୟୀ ପ୍ରକୃତ ସମସ୍ୟା ହେଉଛି, ଯେତେବେଳେ ପ୍ରଜନନକ୍ଷମ ମନୋଭାବ ଆମେ ସେତେବେଳେ ଜଣେ ମହିଳାଙ୍କର ଦୃଢ ବ୍ୟକ୍ତିଗତ ସ୍ୱାଧୀନତାର ଅଭାବ ଥାଏ । ଜାତିସଂଘ ତଥ୍ୟ ଅନୁଯାୟୀ ତିନି ଜଣରୁ ଜଣେ ପ୍ରାପ୍ତବୟସ୍କା ମହିଳାଙ୍କର ଗର୍ଭଧାରଣ ପ୍ରତି ଅନାଗ୍ରହୀ ହୋଇଥାନ୍ତି । ସେହିପରି ଗର୍ଭଧାରଣ ପାଇଁ ମହିଳାଙ୍କର କୌଣସି ସ୍ୱାଧୀନତା ନଥାଏ । ଏକ ସର୍ଭେରୁ ଜଣାଯାଇଛି ଯେ, ପ୍ରାୟ ଏକ ତୃତୀୟା ମହିଳା ଅଧିକ ସନ୍ତାନସନ୍ତିତି ପାଇଁ ଆଶାୟୀ ଥିବା ସତ୍ତ୍ୱେ ସେମାନଙ୍କୁ ଅନୁମତି ମିଳିନଥାଏ । ତେବେ ବିହାର, ଉତରପ୍ରଦେଶ, ଝାଡଖଣ୍ଡ ପର ଉତର ଓ କେନ୍ଦ୍ରୀୟ ଭାରତର କେତେକ ରାଜ୍ୟରେ ଜନସଂଖ୍ୟା ନିୟନ୍ତ୍ରଣ ସଫଳ ହୋଇନଥିବା ବେଳେ ଦିଲ୍ଲୀ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶରେ ଏହା ଆଶାତୀତ ସଫଳତା ହାସଲ କରିଛି । ଏହି ରାଜ୍ୟଗୁଡିକରେ ଜନ୍ମ ହାର ହାରାହାରି ଜନ୍ମହାର ତଳେ ରହିଛି । ଶିକ୍ଷା ସଚେତନତା ଗର୍ଭନିରୋଧକ ବ୍ୟବହାର ଏବଂ ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳତା ଏହି ସମସ୍ତ ରାଜ୍ୟରେ ଜନ୍ମସଂଖ୍ୟା ନିୟନ୍ତ୍ରଣର ମୁଖ୍ୟକାରଣ । ଏବେ ଏହି ସମସ୍ତ ରାଜ୍ୟର ରାଜ୍ୟ ସରକାର ଅଧିକରୁ ଅଧିକ ସନ୍ତାନ ଜନ୍ମ ପାଇଁ ମହିଳମାନଙ୍କୁ ଆହ୍ୱାନ କରିଛନ୍ତି । ରାଜନୈତିକ ଦୃଷ୍ଟିକୋଣରୁ ରାଜ୍ୟ ସରକାରମାନେ ଜନସଂଖ୍ୟା ବୃଦ୍ଧି ପାଇଁ ଆହ୍ୱାନ ଦେଇଥିବାବେଳେ ଭବିଷ୍ୟତରେ ଯୁବଶକ୍ତିର ଅଭାବ ଓ ବୟସ୍କ ନାଗରିକମାନଙ୍କ ସଂଖ୍ୟା ବଢିଯିବ । ଏଥିଲାଗି ନୀତି ନିର୍ଦ୍ଧାରକ ବେଳହୁଁ ସତର୍କ ହେବା ଜରୁରୀ । ଚୀନ, ଜାପାନ, ପରି ଦେଶରେ ଏକ ଯୁବଶକ୍ତିର ଅଭାବ ଘଟିଥିବା ବେଳେ ବୃଦ୍ଧଙ୍କ ସଂଖ୍ୟା ବଢିବାରେ ଲାଗିରହିଛି । ଚୀନ ସରକାର ଚାରି ସନ୍ତାନ ନୀତି ଆପଣାଇ ଥିବାବେଳେ ଜାପାନ ମଧ୍ୟ ଅନୁରୂପ ନୀତି ଅନୁସରଣ କରିଛି ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ମୋବାଇଲ ନଂ-୯୪୩୭୯୪୩୭୯*





# ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଆନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ପାଳନ

ଭଦ୍ରକ : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦ□ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଅବନ୍ତିକା ବିଜ୍ଞାନ କଲେଜ, ଚରମ୍ପା, ଭଦ୍ରକଠାରେ ଛାତ୍ର ଛାତ୍ରୀ ମାନଙ୍କୁ ନିଶା ନିବାରଣ ସମ୍ପର୍କରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ଶ୍ରୀ ପୂର୍ଣ୍ଣଶ୍ଲୋକ ରଥ ଏହି ସଚେତନତା କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ । ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ଖଗେଶ୍ୱର ସେଠୀ,




ଏଲ୍.ଏ.ଡି଼ସ୍.ଏସ୍., ସହାୟକ-ନ୍ୟାୟ ରକ୍ଷକ, ତାପସ କୁମାର ମହାନ୍ତି, ଭଦ୍ରକ,ଅବନ୍ତିକା ବିଜ୍ଞାନ କଲେଜ, ଅଧ୍ୟକ୍ଷ, ଇଞ୍ଜିନିୟର ଅମିତ କୁମାର ମଲ୍ଲିକ, ଅବକାରୀ ବିଭାଗ, ଅଧୀକ୍ଷକ, ନରୋତମ ମିଶ୍ର, ନିୟୁ ଲାଇଫ ନିଶା ନିବାରଣ ମୁଖ୍ୟ ପରିଚାଳକ, ପଙ୍କଜ କୁମାର ସାହୁ ପ୍ରମୁଖ ଅତିଥି ଗଣ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନିଜବକ୍ତବ୍ୟରେ କହିଥିଲେ ଯେ ତମାଖୁ ସେବନ ଏକ ମହାମାରୀ । ତମାଖୁ ସେବନ ଦ୍ୱାରା ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଏବଂ ଆର୍ଥିକ ଓ ସାମାଜିକ ବୋଝର ଶିକାର ହୁଅନ୍ତି, ତେଣୁ ତମାଖୁ ଠାରୁ ଦୂରେଇ ରୁହନ୍ତୁ । ନିଶାଦ୍ରବ୍ୟରୁ ଦୂରେଇ ରହି ନିଶାମୁକ୍ତ ଜୀବନ ଧାରଣ କରିବା ପାଇଁ ଛାତ୍ର ଛାତ୍ରୀମାନଙ୍କୁ ପ୍ରେରଣା ଦିଆଯାଇଥିଲା । ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନେ ଆଗେଇ ଆସିବା ସହ ସମସ୍ତଙ୍କୁ ସଚେତନ ହେବାକୁ ପଡିବ । ନିଜ ଜୀବନକୁ ନିଶା ଠାରୁ ଦୂରେଇ ଦିଅନ୍ତୁ । ଏହି ଅବସରରେ ସମସ୍ତେ ଏକ ସ୍ୱରରେ ନିଶା ନିବାରଣ ନିମନ୍ତେ ଶପଥ ନେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀଗଣ ତଥା କଲେଜର ଅଧ୍ୟାପକ, ଅଧ୍ୟାପିକା ଏବଂ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗଣ ନିଶା ନିବାରଣ ନିମନ୍ତେ ଏକ ଶୋଭାଯାତ୍ରାରେ ସାମିଲ ହୋଇଏହି କାର୍ଯକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ : ରଥ ଦାଣ୍ଡରେ ଆମିଷ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରି ନିଷେଧ ସହ ମଦ ଦୋକାନ ବନ୍ଦ ରହିବ

ବାରିପଦା : ଚଳିତ ବର୍ଷ ରାଇରଙ୍ଗପୁର ରଥଯାତ୍ରା କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା ନିମନ୍ତେ ଉପଖଣ୍ଡ ପ୍ରଶାସନ ତତ୍ୱାବଧାନରେ ରାଇରଙ୍ଗପୁର ଦେବତର ବିଭାଗ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଲୋକସଭା ସାଂସଦ ତଥା ଚଳିତ ବର୍ଷ ରାଇରଙ୍ଗପୁର ରଥଯାତ୍ରା ପରିଚାଳନା କମିଟିର ଅଧ୍ୟକ୍ଷ ନବ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି. ଉକ୍ତ ବୈଠକରେ ରାଇରଙ୍ଗପୁରର ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ପୌର ପାଳିକା ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ରାଇରଙ୍ଗପୁର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ଅତିରିକ୍ତ ଉପ ଜିଲ୍ଲାପାଳ ବାସନ୍ତୀ ଲାକ୍ରା, ଟାଉନ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ସାହୁ ପ୍ରମୁଖ ଯୋଗ ଦେଇଥିଲେ. ରାଇରଙ୍ଗପୁର ଦେବତର ବିଭାଗ ତତ୍ୱାବଧାନରେ ଚଳିତ ୨୦୨୬ ମସିହା ରଥଯାତ୍ରା ପାଳନ ସମ୍ପର୍କିତ ପ୍ରସ୍ତୁତ ପ୍ରସ୍ତାବିତ କାର୍ଯ୍ୟସୂଚୀ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ବେଳେ ସମସ୍ତ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା. ମୁଖ୍ୟତଃ ଦେବତର ବିଭାଗ ସହିତ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ତଥା ସେବାୟତଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ସ୍ନାନ ପୂର୍ଣ୍ଣିମା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ନିର୍ଧାରିତ ସମୟରେ ସୁଚାରୁ ରୂପେ ସମ୍ପାଦନ ପୂର୍ବକ ବ୍ୟବସ୍ଥିତ ଢଙ୍ଗରେ ସମାପନ ପାଇଁ ପରାମର୍ଶ ଦିଆଯାଇଥିଲା. ରଥ ଯାତ୍ରା ସମୟରେ ରଥଦାଣ୍ଡ ଏବଂ ସହରର ବିଭିନ୍ନ ଗଳି ଓ ଅନ୍ଧାରୁଆ ସ୍ଥାନରେ ବିଦ୍ୟୁତ ଆଲୋକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ପୋଲିସ ମୁତୟନ ଓ ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱାସ୍ଥ୍ୟ ସେବା ଶିବିର, ହୋଟେଲ, ଅସ୍ଥାୟୀ ଜଳଖିଆ ଦୋକାନ ଗୁଡିକ ରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ର ମାନଯାଂଚ, ଆକସ୍ମିକ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ଦ୍ୱାରା ଆବଶ୍ୟକୀୟ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା, ସହର ଓ ବଡଦାଣ୍ଡ ଅଂଚଳ ର ସ୍ୱାସ୍ଥ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବା, ପବିତ୍ର ରଥଯାତ୍ରା ସମୟରେ ରଥ ଦାଣ୍ଡରେ ଆମିଷ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରି କୁ ସମ୍ପୂର୍ଣ୍ଣ ନିଷେଧ କରାଯିବା, ସମସ୍ତ ମଦ ଦୋକାନ ଗୁଡିକୁ ବନ୍ଦ ରଖାଯିବା ଇତ୍ୟାଦି ନିଷ୍ପତି ହୋଇଛି. ବୈଠକରେ ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ବରିଷ୍ଠ ରାଜସ୍ୱ ସହାୟକ ପ୍ରସାଦ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ଦେବବ୍ରତ ରଥ ମହାପାତ୍ର, ରଥ କମିଟିର ସଦସ୍ୟ,ସେବାୟତ, ରଥ ମହାରଣା, ରଥ ମହାପାତ୍ର, ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇ ରଥ ଯାତ୍ରା ସମ୍ପର୍କିତ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ.

# ଉଦଳା ତାଲୁକ ଆଇନ ସହାୟତା କମିଟିର ମୌଳିକ ଦାୟିତ୍ୱ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଉଦଳା (ନିପ୍ର) : ଉଦଳା ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଉଦଳା ସନ୍ଧାନ ଗୃହ ପରିସରରେ ଲୋକ ଅଦାଲତ ଜରିଆରେ "ମୌଳିକ ଦାୟିତ୍ୱ ବା ଫଣ୍ଡାମେଂଟାଲ ଡ୍ୟୁଟିଜ" ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମ ଉଦଳା ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସହାୟତା କମିଟିର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଚାର ବିଭାଗୀୟ ବ୍ୟବସ୍ଥାରେ ଆଇନ ସହାୟତା କମିଟିର ବିଭିନ୍ନ ନିୟମ ଅବଗତ ପୂର୍ବକ ନାଗରିକଙ୍କ ମୌଳିକ ଦାୟିତ୍ୱ ଓ ସାମ୍ବିଧାନିକ ବ୍ୟବସ୍ଥା ଓ ଆଇନ ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତଯୁବ ବର୍ଗଙ୍କୁ ଆଲୋଚନା ମାଧ୍ୟମରେ ସଚେତନ କରାଯାଇଥିଲା । ଅନ୍ୟମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡା, ଉପଖଣ୍ଡ ଓକିଲ ସଂଘ ସଭାପତି ପଦ୍ମଲୋଚନ ଦାଶ, ସମ୍ପାଦକ ରଜତ କୁମାର ମହାପାତ୍ର, ଆଇନଜୀବୀ ମକରନ୍ଦ ପଲେଇ, ନିରାକାର ମହାପାତ୍ର, ଲିଗାଲ ରିଟେନର କମଳା କାନ୍ତ ମହାନ୍ତି ମୌଳିକ ଦାୟିତ୍ୱ ନେଇ ବିସ୍ତୃତ ଆଇନଗତ ଦିଗ ନେଇ ଆଲୋଚନା ଓ ସହାୟତା ପାଇଁ ବୁଝାଇଥିଲେ । ଆଇନଜୀବୀ ହରିପ୍ରିୟା ହଁସଦା ମଧ୍ୟ ବକ୍ତବ୍ୟ ରଖିଥିଲେ । ତାଲୁକ ଆଇନ ସହାୟତା କମିଟିର ସନତ କୁମାର ସେଠୀ ଆୟୋଜନରେ ସହାୟତା କରିଥିବା ବେଳେ କର୍ମଚାରୀ ସହଯୋଗ କରିଥିଲେ ।

# ଗ୍ଲୋବାଲ୍ ଏକ୍ସଲେନ୍ସ ଆୱାର୍ଡସ ୨୦୨୬ରେ ସମ୍ମାନିତ ହେଲା ମୟୂରଭଞ୍ଜର 'ଇନଫୋକ୍ରିଏଟିଭ୍ସ' ମିଳିଲା 'ବର୍ଷର ସବୁଠାରୁ ବିଶ୍ୱସନୀୟ ଆଇଟି ସଲ୍ୟୁସନ୍ସ ଏବଂ ଡିଜିଟାଲ୍ ସଶକ୍ତିକରଣ କମ୍ପାନୀ' ପୁରସ୍କାର

ବାରିପଦା : ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ବିଷୟ । ଇଂ ସୌମ୍ୟରଞ୍ଜନ ମିଶ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ 'ଇନଫୋକ୍ରିଏଟିଭ୍ସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍'କୁ ପ୍ରତିଷ୍ଠିତ ଗ୍ଲୋବାଲ୍ ଏକ୍ସଲେନ୍ସ ଆୱାର୍ଡସ ୨୦୨୬ରେ 'ବର୍ଷର ସବୁଠାରୁ ବିଶ୍ୱସନୀୟ ଆଇଟି ସଲ୍ୟୁସନ୍ସ ଏବଂ ଡିଜିଟାଲ୍ ସଶକ୍ତିକରଣ କମ୍ପାନୀ' ଭାବେ ସମ୍ମାନିତ କରାଯାଇଛି । 'ବ୍ରାଣ୍ଡସ୍ ଆକର୍ଡ' ପକ୍ଷରୁ ଏବଂ 'ସିଇଓ ଇଣ୍ଡିଆ ମାଗାଜିନ୍'ର ମିଡିଆ ସହଯୋଗିତାରେ ପ୍ରଦତ ଏହି ପୁରସ୍କାର କମ୍ପାନୀର ଡିଜିଟାଲ୍ ନବସୃଜନ ଏବଂ ସମାବେଶୀ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇଛି । ଆଦିବାସୀ ବହୁଳ ଜିଲ୍ଲା ମୟୂରଭଞ୍ଜରୁ ଆସିଥିବା ଇଂ ମିଶ୍ର, ସ୍ୱଳ୍ପ ଖର୍ଚ୍ଚରେ ଅଭିନବ ଓ ନାଗରିକ-କେନ୍ଦ୍ରିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା ପାଇଁ ଇନଫୋକ୍ରିଏଟିଭ୍ସର ପ୍ରତିଷ୍ଠା କରିଥିଲେ । ଆଜି ଏହି ସଂସ୍ଥା ଉତର ଓଡ଼ିଶାର ଏକ ପ୍ରମୁଖ ଆଇଟି ପ୍ରତିଷ୍ଠାନରେ ପରିଣତ ହୋଇଛି, ଯାହା ଅନେକ ସରକାରୀ ବିଭାଗ ଏବଂ ଶିକ୍ଷାନୁଷ୍ଠାନ ସମେତ ସମଗ୍ର ଭାରତରେ ୯୦ରୁ ଅଧିକ ଗ୍ରାହକଙ୍କୁ ସଫ୍ଟୱେୟାର ବିକାଶ, ଇ-ଗଭର୍ଣ୍ଣାନ୍ସ, କ୍ଲାଉଡ୍ ସଲ୍ୟୁସନ୍ସ ଏବଂ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ସେବା ଯୋଗାଇ ଦେଉଛି । ଏହି ସଂସ୍ଥା 'ଷ୍ଟାର୍ଟଅପ୍ ଇଣ୍ଡିଆ' ଏବଂ 'ଷ୍ଟାର୍ଟଅପ୍ ଓଡ଼ିଶା' ଦ୍ୱାରା ମାନ୍ୟତା ପ୍ରାପ୍ତ ହେବା ସହ ମୟୂରଭଞ୍ଜର ପ୍ରଥମ ଆଇଟି କମ୍ପାନୀ ଭାବେ 'ନାସକମ୍' ର ସଦସ୍ୟତା ଲାଭ କରିଛି । ବ୍ୟବସାୟ ବ୍ୟତୀତ, ଇଂ ମିଶ୍ର 'ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି' ର ପ୍ରତିଷ୍ଠାତା ଓ ସମ୍ପାଦକ ଭାବେ ଏଠାରେ ଶିଳ୍ପୋଦ୍ୟୋଗୀ, ଗଝଗର ର ବିକାଶ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରୁଛନ୍ତି । ଏହାସହ 'ଆକାଂକ୍ଷା ଆଇଟି ହବ୍' ମାଧ୍ୟମରେ ସେ ସ୍ଥାନୀୟ ଯୁବପିଢ଼ିଙ୍କୁ ଡିଜିଟାଲ୍ ଦକ୍ଷତା, ଷ୍ଟାର୍ଟଅପ୍ ଇନକୁବେସନ୍ ଏବଂ ନିଯୁକ୍ତି ସୁଯୋଗ ଯୋଗାଇ ଦେଉଛନ୍ତି । ଏହି ସଫଳତା ପାଇଁ କୃତଜ୍ଞତା ଜଣାଇ ଇଂ ମିଶ୍ର ଏହି ପୁରସ୍କାରକୁ ନିଜ ଟିମ୍, ଗ୍ରାହକ ଏବଂ ମୟୂରଭଞ୍ଜବାସୀଙ୍କୁ ଉତ୍ସର୍ଗ କରିଛନ୍ତି । ଆଗାମୀ ଦିନରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଇଓ) ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଭଳି ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏକ ସମୃଦ୍ଧ ଡିଜିଟାଲ୍ ଭବିଷ୍ୟତ ଗଠନ କରିବାକୁ ସେ ପ୍ରତିଶ୍ରୁତି ବ୍ୟକ୍ତ କରିଛନ୍ତି । ଏହି ଗ୍ଲୋବାଲ୍ ଏକ୍ସଲେନ୍ସ ଆୱାର୍ଡ କେବଳ ବ୍ୟବସାୟିକ ସଫଳତା ନୁହେଁ, ବରଂ ଗ୍ରାମୀଣ ଭାରତରୁ ଉଭାସିତ ହେଉଥିବା ପରିବର୍ତନକାରୀ ନବସୃଜନର ଏକ ଜ୍ୱଳନ୍ତ ପ୍ରମାଣ ।

# ଭୂମିପୁତ୍ର ସଂଗଠନ ପକ୍ଷରୁ ମକଡ୍ରିଲ ଅନୁଷ୍ଠିତ

ସୋର : (ସପ୍ର)- ସୋର ବ୍ଲକ କେଦାରପୁର ସ୍ଥିତ ଭୂମିପୁତ୍ର ସେବା ପ୍ରତିଷ୍ଠାନ ତରଫରୁ ସିମୁଳିଆ ବ୍ଲକ ଅନ୍ତର୍ଗତ ଆଙ୍କୁଲା ଓ ବାଇଁଶିବାଟି ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳ ରେ ଓଡିଶା ବିପର୍ଯ୍ୟୟ ପରିଚାଳନା କତୃପକ୍ଷ, ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କତୃପକ୍ଷ, ସିମୁଳିଆ ବ୍ଲକ ପ୍ରଶାସନ ଏବଂ ବନ୍ୟା ଆଶ୍ରୟ ସ୍ଥଳି ପରିଚାଳନା ସମିତି ର ସହଯୋଗରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି । ଏହି କାର୍ଯ୍ୟକ୍ରମ କୁ ସିମୁଳିଆ ତହସିଲଦାର ସୌମ୍ୟ ରଂଜନ ମହାପାତ୍ର ଉଦ୍ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ସିମୁଳିଆ ଫାୟାର ଅଫିସର ମାନସ ରଞ୍ଜନ ନାୟକ, ଏଇଇ ସରୋଜ କୁମାର ଟିଗ, ଜେଇଇ ଅଜୟ ମାଝୀ,ଚାଲୁଣିଗାଁ ପଂଚାୟତ ର ସରପଂଚ ମମତା ରାଣୀ ନାୟକ ଓ ବାଟି ପଂଚାୟତ ର ସରପଂଚ ହରପ୍ରିୟା ମଲ୍ଲିକ, ବାଟି ଓ ଚାଲୁନିଗାଁ ପଂଚାୟତ ର କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନୀରିକ୍ଷକ, ବନ୍ୟା ଆଶ୍ରୟ ସ୍ଥଳି ର ସଂପାଦକ ବନମାଳି ନାୟକ ଏବଂ ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ସିମୁଳିଆ ଅଗ୍ନିଶମ ବିଭାଗ ପକ୍ଷରୁ ବିପର୍ଯ୍ୟୟ ସମୟରେ ବିଭିନ୍ନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା । ପ୍ରାଥମିକ ଚିକିତ୍ସା, ବନ୍ୟା, ବାତ୍ୟା, ଅଗ୍ନିକ ଦୁର୍ଘଟଣା ସମୟରେ କଣ କରିବାର ଅଛି ତାହା ଉପରେ ସ୍ୱାସ୍ଥ୍ୟ ବିଭାଗରୁ ଆସିଥିବା ସ୍ୱାସ୍ଥ୍ୟ କର୍ମୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଗ୍ରାମର ଯୁବ ଗୋଷ୍ଠି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା, ପଂଚାୟତ ପ୍ରତିନିଧି, ଟାସ୍କ ଫୋର୍ସ ସ୍ୱେଚ୍ଛାସେବୀ ଏବଂ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ । ଭୂମିପୁତ୍ର ର ସଂପାଦକ ଶିଶିର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବିଏସଏଫ କୋରାପୁଟ 'ମିଶନ ହେଲ୍‌ଦି ଲାଇଫ୍ ଫ୍ୟାମିଲି ଫରେଷ୍ଟ ପଦଯାତ୍ରା' ଆୟୋଜନ

ଜୟପୁର : ୍ (ହି.ସ.)- ବିଏସଏଫ କୋରାପୁଟ ପାଇନ୍ ରିସର୍ଟ, କୋରାପୁଟ ସଂଲଗ୍ନ ପାଇନ୍ ଜଙ୍ଗଲରେ ମିଶନ ହେଲ୍‌ଦି ଲାଇଫ୍ ଫ୍ୟାମିଲି ଫରେଷ୍ଟ ପଦଯାତ୍ରା ଆୟୋଜନ କରାଯାଇଛି, ଯେଉଁଥିରେ ଅଧିକାରୀ, କର୍ମଚାରୀ, ସ୍ୱାମୀ, ସ୍ତ୍ରୀ , ପିଲା ଏବଂ ପୂର୍ବତନ ସୈନିକମାନେ ଉତ୍ସାହୀ ଭାବରେ ଅଂଶଗ୍ରହଣ କରିଥିଲେ । ଭାରତ ସରକାରଙ୍କ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଏବଂ ମିଶନ ଲାଇଫ୍ (ପରିବେଶ ପାଇଁ ଜୀବନଶୈଳୀ) ସହିତ ଶାରୀରିକ ସୁସ୍ଥତା, ମାନସିକ ସୁସ୍ଥତା, ପାରିବାରିକ ବନ୍ଧନ ଏବଂ ପରିବେଶଗତ ଚେତନା ପ୍ରୋତ୍ସାହିତ କରିବା ପାଇଁ ଏହି ପଦକ୍ଷେପ ଆୟୋଜିତ ହୋଇଥିଲା । ଅଂଶଗ୍ରହଣକାରୀ ମାନେ ସୁସ୍ଥ ଜୀବନଯାପନ ଏବଂ ସ୍ଥାୟୀ ଜୀବନଶୈଳୀର ଗୁରୁତ୍ୱକୁ ଦୃଢ଼ କରିବା ସହିତ ପ୍ରାକୃତିକ ପରିବେଶ ମଧ୍ୟରେ ଏକ ସତେଜ ପଦଯାତ୍ରାର ମଜା ନେଇଥିଲେ । ଏହି କାର୍ଯ୍ୟକ୍ରମରେ କୋରାପୁଟର ସମୃଦ୍ଧ ପ୍ରାକୃତିକ ଐତିହ୍ୟକୁ ପ୍ରଶଂସା କରିବାକୁ ମଧ୍ୟ ଉତ୍ସାହିତ କରାଯାଇଥିଲା ଏବଂ ପରିବେଶ ସୁରକ୍ଷାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ଏହି ଅବସରରେ ବିଏସଏଫ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ ଯେ ଏପରି ପଦକ୍ଷେପ କେବଳ ସ୍ୱାସ୍ଥ୍ୟ ଏବଂ ମନୋବଳକୁ ଉନ୍ନତ କରେ ନାହିଁ ବରଂ ବିଏସଏଫ ପରିବାର ମଧ୍ୟରେ ସମ୍ପ୍ରଦାୟର ଭାବନାକୁ ମଧ୍ୟ ସୁଦୃଢ଼ କରିଥାଏ । ଦୈନନ୍ଦିନ ଜୀବନରେ ସୁସ୍ଥ ଅଭ୍ୟାସ ଏବଂ ପରିବେଶଗତ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ପାଇଁ ଏକ ସାମୂହିକ ପ୍ରତିଜ୍ଞା ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ସୁସ୍ଥ ପରିବାର, ସବୁଜ ସମ୍ପ୍ରଦାୟ ଏବଂ ଏକ ଶକ୍ତିଶାଳୀ ରାଷ୍ଟ୍ରକୁ ପ୍ରେରଣା ଦେବା ପାଇଁ ମିଶନ୍ ହେଲ୍‌ଦି ଲାଇଫ୍ ଫ୍ୟାମିଲି ଫରେଷ୍ଟ ୱାକ୍ ଏକ ନିୟମିତ ସୁସ୍ଥତା ପଦକ୍ଷେପ ଭାବରେ କଳ୍ପନା କରାଯାଇଛି ।

# ମରଣାନ୍ତକ ଆକ୍ରମଣ : ୩ ଅଭିଯୁକ୍ତ ଗିରଫ

ଜୟପୁର : (ହି.ସ.)- ମରଣାନ୍ତକ ଆକ୍ରମଣ ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି କୋରାପୁଟ ଜିଲା ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ଖଡପା ଗ୍ରାମର ଭଗବାନ ଭତ୍ରା (୩୬), ତ୍ରିପତି ଗୌଡ (୨୬), ଶ୍ୟାମ ଗୌଡ(୪୦) । ପୋଲିସ ସୂଚନା ଅନୁଯାୟୀ, ଜୟପୁର ସଦର ଥାନା ଅନ୍ତର୍ଗତ ଖଡପା ଗ୍ରାମରେ ମା ଗଙ୍ଗାଦେଇ ବାର୍ଷିକ ମହୋତ୍ସବ ପାଳନ ହେଉଥିଲା । ଏହି ଅବସରରେ ଆଦିବାସୀ ନାଟ ମଧ ହେଉଥିଲା । ଅଭିଯୋଗକାରୀ କୃଷ୍ଣ ହରିଜନ ତାଙ୍କ ବଡ ଭାଇ ପ୍ରହଲ୍ଲାଦ ହରିଜନ ଏବଂ ଭଣଜା ପ୍ରଦ୍ୟୁନ ହରିଜନ କାର୍ଯ୍ୟକ୍ରମରେ ଯୋଗଦେଇ ଘରକୁ ଫେରୁଥିବା ବେଳେ ଖଡପା ଗ୍ରାମ ଉପର ସାହି ଛକରେ ଦେଶୀ ମଦ ବିକ୍ରି ଚାଲିଥିଲା । କୃଷ୍ଣ ହରିଜନ ଓାର୍ଡ ମେମ୍ବର ହୋଇଥିବା ବେଳେ ମଦ ବିକ୍ରି ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ । ଏହା ପରେ ଅଭିଯୁକ୍ତ ମାନେ ତୁରନ୍ତ ଲୁହା ରଡ ଓ ଲାଠି ଆଣି ଆକ୍ରମଣ କରିଥିଲେ । ଫଳରେ ୩ ଜଣ ଗୁରୁତର ହୋଇଥିଲେ । ତୁରନ୍ତ ଗ୍ରାମବାସୀ ମାନେ ୩ ଗୁରୁତରଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ଏନେଇ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ୩ ଅଭିଯୁକ୍ତ ଜୟପୁର ସଦର ଥାନା ଅନ୍ତର୍ଗତ ଖଡପା ଗ୍ରାମର ଭଗବାନ ଭତ୍ରା (୩୬), ତ୍ରିପତି ଗୌଡ (୨୬), ଶ୍ୟାମ ଗୌଡ(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ପାଳିତ

ଜୟପୁର : (ହି.ସ.)- ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ଅବରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି । ବର୍ତମାନ ଯୁବସମାଜ ଦିନକୁ ଦିନ ନିଶାଗ୍ରସ୍ତ ହେବାରେ ଲାଗୁଥିବା ବେଳେ ନିଜ ଜୀବନକୁ ଛାରଖାର କରୁଛନ୍ତି । ଏଥିରୁ ଯୁବକ ମାନେ କିପରି ମୁକ୍ତି ପାଇବେ ଓ ନିଜ ଜୀବନକୁ ଶାନ୍ତିପୂର୍ଣ ଭାବେ ଅତିବାହିତ କରିପାରିବେ ଓ ସୁନ୍ଦର ଜୀବନ ଜୀବିକା ମଧ୍ୟରେ ରହିବେ ତାହାକୁ ନେଇ ଏହି ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଇଛି । ନିଶାକୁ ନାଁ, ନିଶାଦ୍ରବ୍ୟ ସ୍ୱାସ୍ଥ୍ୟପକ୍ଷେ ହାନୀକାରକ, ନିଶା ଛାଡନ୍ତୁ ଜୀବନ ବାଛନ୍ତୁ ଆଦି ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ । ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ସଚେତନ କରିବା ସହିତ ଅପମିଶ୍ରିତ ବିଷାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ ରୋକିବା ଲାଗି ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲା ଅବକାରି ବିଭାଗ ଦ୍ୱାରା ଆୟୋଜିତ ଏହି ଶୋଭାଯାତ୍ରା ଜୟପୁର ସ୍ଥିତ ଅବକାରି ନିରିକ୍ଷକ କାର୍ଯ୍ୟାଳୟ ଠାରୁ ବାହାରି ଲକ୍ଷ୍ମୀ ପଣ୍ଡା ଛକ, ଖ୍ରୀଷ୍ଟିଆନପେଟା ଦେଇ କୋର୍ଟ ଛକରେ ଶେଷ ହୋଇଥିଲା । ଅବକାରି ବିଭାଗ ତରଫରୁ ଆୟୋଜିତ ଶୋଭାଯାତ୍ରାରେ ଡିଏସଇ ଜୟନ୍ତି ଲାଲ ପାଣ୍ଡେ, ଅବକାରି ନିରିକ୍ଷକ ଅଜୟ ନାୟକ, ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ, ବୋରିଗୁମ୍ମା ଓଆଇସି ନିଳାଦ୍ରି ବିହାରି ମିଶ୍ର, କୋଟପାଡ ଓଆଇସି ବଳରାମ ଦାସ, ଏସଆଇ ସୋନୁ ସେଠିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ ପାଳିତ

ଖୋର୍ଦ୍ଧା ୍: (ହି.ସ.)- ଯୁବଶକ୍ତି ରାଷ୍ଟ୍ରର ପ୍ରଚଣ୍ଡ ଶକ୍ତି କ୍ଷ ଯୁବ ଶକ୍ତି ସଚେତନ ହେଲେ ସମାଜ ଓ ରାଷ୍ଟ୍ରର ଦୃତ ବିକାଶ ହେବ । ନିଶାମୁକ୍ତ ଭାରତ ଅଭିଯାନ ଏବଂ ବିକଶିତ ଭାରତ ର ସ୍ୱାଭିମାନ ସମ୍ଭବ ହେବ କ୍ଷ ନିଶା ମୁକ୍ତ ଜୀବନ ଚୟନ କରିବା, ପରିବାରକୁ ସୁରକ୍ଷିତ ରଖିବା, ସୁସ୍ଥ ମନ, ସୁସ୍ଥ ଶରୀର, ସୁନ୍ଦର ଭବିଷ୍ୟତ ଗଢି ତୋଳିବା, ସମାଜକୁ ନିଶାମୁକ୍ତ କରିବା ଆଦି ଦିଗରେ ଯୁବ ଶକ୍ତି ଆଗକୁ ବଢ଼ିଲେ ଏକ ସୁନ୍ଦର ବିକଶିତ ପରିବର୍ତନଶୀଳ ଆମ ଖୋର୍ଦ୍ଧା ଜିଲ୍ଲା, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବାକୁ ଯୁବଶକ୍ତି ଓ ପ୍ରତ୍ୟେକ ନାଗରିକ ନିଜ ନିଜ ଭିତରେ ଜାଗରଣ ସୃଷ୍ଟି କରି ନିଜେ ବଦଳିବା ସହ ସମସ୍ତଙ୍କୁ ବଦଳାଇବାକୁ ସ୍ଥାନୀୟ ହାବେଳୀ ପଡିଆଠାରେ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ -୨୦୨୬ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଜିଲ୍ଲାପାଳ, ଖୋର୍ଦ୍ଧା, ସଂକଳ୍ପ ସ୍ୱସ୍ତିକ ସାହୁ ସବୁଜ ପତାକା ଦେଖାଇ ଏକ ବିଶାଳ ଜନସଚେତନତା ରାଲିକୁ ଏବଂ ନିଶାମୁକ୍ତି ସଚେତନତା ରଥକୁ ଶୁଭାରମ୍ଭ କରି ଉପରୋକ୍ତ ବିଷୟ ଆହ୍ୱାନ ଦେଇଛନ୍ତି କ୍ଷ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗ ମିଳିତ ଆନୁକୁଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଖୋର୍ଦ୍ଧା, ଦିଲ୍ଲୀପ ହିଆଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ ସୁମିତ୍ରା ତ୍ରିପାଠୀ, ଖୋର୍ଦ୍ଧା , ସଦର ବି ଡି ଓ, ସିଦ୍ଧାର୍ଥ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଖୋର୍ଦ୍ଧା, ଲକ୍ଷ୍ମଣ କୁମାର ବେହେରା ଯୋଗଦେଇଥିଲେ କ୍ଷ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତା ଏବଂ ଯୁବକ, ଯୁବତୀ, ମହିଳା, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ବହୁସଂଖ୍ୟାରେ ଯୋଗ ଦେଇଥିଲେ । ଏହି ବିଶାଳ ରାଲି ହାବେଳୀ ପଡ଼ିଆରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଥିଲା । ସେଠାରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ସର୍ବାଧିକ ଯୁବକ ଯୁବତୀ ନିଶାମୁକ୍ତ ଭାରତ ଅଭିଯାନରେ ଯୋଗ ଦେବା ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରି ସମାଜରେ ସବୁ ସ୍ତରର ଲୋକ ଓଡ଼ିଶାକୁ ତଥା ଖୋର୍ଦ୍ଧା ଜିଲ୍ଲାକୁ ନିଶାମୁକ୍ତ କରିବାପାଇଁ ଆହ୍ୱାନ ଦେଇ ଦେଶକୁ ନିଶାମୁକ୍ତ କରିବା ପାଇଁ ଶପଥ ପାଠ କରାଇଥିଲେ । ପରେ ବିଭିନ୍ନ ନିଶାମୁକ୍ତି ଅଭିଯାନରେ ଉଲ୍ଲେଖନୀୟ ସେବାପାଇଁ ସଫଳ ବ୍ୟକ୍ତିତ୍ୱଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଶେଷରେ ନିଶାମୁକ୍ତ ଉଜ୍ୱଳମୟ ଭବିଷ୍ୟତ ଗଠନ ଉପଲକ୍ଷେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ଏହି ଦିବସରେ ପ୍ରଜାପତି ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଂସ୍ଥା, ଖୋର୍ଦ୍ଧା ଓ ଭୁବନେଶ୍ୱର ଶାଖା ସହ ଅନେକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ପ୍ରମୁଖ ଯୋଗଦେଇଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ବଡ଼ ସଫଳତା ଶତପ୍ରତିଶତ ଡିଜିଟାଇଜେସନ କାର୍ଯ୍ୟ ଶେଷ

କନ୍ଧମାଳ : (ହି.ସ.)- କନ୍ଧମାଳ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧୀୟ କାର୍ଯ୍ୟଧାରାରେ ଏକ ବଡ଼ ସଫଳତା ମିଳିଛି । ଜିଲ୍ଲାର ସମସ୍ତ ବିଧାନସଭା ମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅଧୀନରେ ଥିବା ଏନୁମେରେସନ ଫର୍ମ (ଇଏଫ୍ଏସ୍) ର ୧୦୦% ଡିଜିଟାଇଜେସନ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି ।ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳ ୧୦ଟା ସୁଦ୍ଧା ୮୨-ବାଲିଗୁଡ଼ା ବିଧାନସଭା ମଣ୍ଡଳୀରେ ଏହି ଡିଜିଟାଇଜେସନ ପ୍ରକ୍ରିୟା ଶତପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି । ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ବାଲିଗୁଡ଼ା ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଣିତା ଦାଶଙ୍କ ସକ୍ଷମ ନେତୃତ୍ୱ ଏବଂ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ବିଏଲଓ-ସୁପରଭାଇଜର ଓ ବିଏଲଓ ମାନଙ୍କର ନିରନ୍ତର ଏବଂ ନିଷ୍ଠାପର ପ୍ରୟାସ ଯୋଗୁଁ ଏହି କାର୍ଯ୍ୟ ସଫଳ ହୋଇପାରିଛି । ଅନ୍ୟପଟେ, ୮୪-ଫୁଲବାଣୀ ବିଧାନସଭା ମଣ୍ଡଳୀରେ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ଭିକାରୀ ସାହୁଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ସମସ୍ତ ଏନୁମେରେସନ ଫର୍ମର ୧୦୦% ଡିଜିଟାଇଜେସନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି । ଏହା ସହିତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କୁଶଳ କୁମାର ନାଏକଙ୍କ ନେତୃତ୍ୱରେ ୮୩-ଜି. ଉଦୟଗିରି ବିଧାନସଭା ମଣ୍ଡଳୀରେ ମଧ୍ୟ ଏହି ପ୍ରକ୍ରିୟା ଶତପ୍ରତିଶତ ସମ୍ପୂର୍ଣ୍ଣ ହୋଇଯାଇଛି । ବାଲିଗୁଡ଼ାରେ କାର୍ଯ୍ୟ ଶେଷ ହେବା ପରେ ଏବେ ସମଗ୍ର କନ୍ଧମାଳ ଜିଲ୍ଲା ଏହି ପ୍ରକ୍ରିୟାରେ ମାଇଲଖୁଂଟ ସ୍ଥାପନ କରିଛି । ଜିଲ୍ଲାର ଏହି ବଡ଼ ସଫଳତା ପାଇଁ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ସନ୍ତୋଷ ବ୍ୟକ୍ତ କରିବା ସହ ସମଗ୍ର ନିର୍ବାଚନୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, 'ଏହା ସହିତ ଜିଲ୍ଲାର ଡିଜିଟାଇଜେସନ କାର୍ଯ୍ୟ ସମାପ୍ତ ହୋଇଛି । ସମଗ୍ର ଟିମ୍ ସ୍ତରୀୟ କାର୍ଯ୍ୟ ବେଶ ପ୍ରଶଂସନୀୟ । ସମସ୍ତଙ୍କୁ ମୋର ଅନେକ ଅନେକ ଅଭିନନ୍ଦନ ।' ମହତ୍ୱପୂର୍ଣ୍ଣ ଡିଜିଟାଇଜେସନ ପ୍ରକ୍ରିୟା ଶେଷ ହେବା ଫଳରେ ଜିଲ୍ଲାରେ ଆଗାମୀ ଦିନରେ ନିର୍ବାଚନୀ ପରିଚାଳନା ଏବଂ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ଆହୁରି ସ୍ୱଚ୍ଛ ଓ ସହଜ ହୋଇପାରିବ ବୋଲି ଆଶା କରାଯାଉଛି ।

# ଗେଙ୍ଗୁଟି ନଦୀରୁ ବେଆଇନ ମାଟି-ବାଲି ଉତୋଳନ : ବନ୍ୟା ବିପଦ ବଢ଼ାଉଛି

ଧାମନଗର(ନିପ୍ର) : ଧାମନଗର ତହସିଲ ଅଧୀନ ଖଡିପଦା ପଂଚାୟତର ଗେଙ୍ଗୁଟି ନଦୀର କାଞ୍ଜିଆପାଳ ଏସକେପ ନିକଟ ଶୁକଦେବ ହୁସେନ ମୌଜାର ପ୍ଲଟ୍ ନଂ- ୫୬୮ରେ ଥିବା ସରକାରୀ ଅନାବାଦୀ ନଦୀ ଆଡ଼ି ଏବଂ ପାର୍ଶ୍ୱବର୍ତୀ ପ୍ଲଟ୍ ନଂ- ୫୬୫ର ରକ୍ଷିତ ଅନାବାଦୀ ଜମିରୁ ବେଆଇନ ଭାବେ ମାଟି ଓ ବାଲି ଉତୋଳନ ହେଉଥିବା ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଦିନ ଦିହିପହରେ ପକଲିନ୍ ମେସିନ୍ ଓ ଟ୍ରାକ୍ଟର ସାହାଯ୍ୟରେ ଖୋଲାଖୋଲି ଖନନ କରି ମାଫିଆମାନେ ବଡ଼ ବଡ଼ ପୋଖରୀ ସୃଷ୍ଟି କରିସାରିଥିବା ଅଭିଯୋଗ ହୋଇଛି । ଏ ନେଇ ସମାଜସେବୀ ତଥା ଖଡିପଦା ସରପଂଚଙ୍କ ପ୍ରତିନିଧି ଭଗବାନ



ଦାସ ଧାମନଗର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ପ୍ରାୟ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ମାଟି ତାଡ଼ିବା ପରେ ବାଲିର ସ୍ତର ବାହାରୁଛି । ଉକ୍ତ ମାଟି ଓ ବାଲିକୁ ନିକଟସ୍ଥ ଇଟାଭାଟିକୁ ବିକ୍ରି କରାଯାଉଥିବା ବେଳେ ବିଭିନ୍ନ ଗ୍ରାମକୁ ମଧ୍ୟ ସପ୍ଲାଇ କରାଯାଉଛି । ଏହାଛଡ଼ା ମାଟି ଓ ବାଲିକୁ ପ୍ରଥମେ ବିଭିନ୍ନ ବ୍ୟକ୍ତିଗତ ବାଡ଼ି ଓ ସରକାରୀ ଜମିରେ ଗଚ୍ଛିତ ରଖି ପରେ ଅଧିକ ଦାମରେ ବିକ୍ରି କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି । ଏଭଳି ଖନନ ଯୋଗୁଁ ସେଠାରେ ବଡ଼ ବଡ଼ ପୋଖରୀ ସୃଷ୍ଟି ହେବା ସହ ଏସକେପ ପାଇଁ ବିପଦ ସୃଷ୍ଟି ହେଉଛି ଓ ଏଠାରେ ଏକ ନୂତନ ନଦୀ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ଏହି ଖନନ ସ୍ଥାନରେ ଯଦି ଭୁଲବଶତଃ କୌଣସି ଗୋରୁ, ଗାଈ କିମ୍ବା ମଣିଷ ସେଥିରେ ପଡ଼ିଯାଆନ୍ତି, ତେବେ ସେମାନଙ୍କ ବଂଚିବା ମୁସ୍କିଲ ହୋଇପଡ଼ିବ । ତେବେ ନଦୀ ଆଡ଼ିରୁ ଏଭଳି ବେପରୁଆ ମାଟି ଓ ବାଲି ଉତୋଳନ ଫଳରେ ଆଡ଼ି ଦୁର୍ବଳ ହେବା ସହ ବର୍ଷା ଓ ବନ୍ୟା ସମୟରେ ନଦୀର ପ୍ରବଳ ସ୍ରୋତରେ ଆଡ଼ି ଭାଙ୍ଗି ନିକଟସ୍ଥ ଚାଷଜମି, ଜନବସତି ଓ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ବଢ଼ିଛି । ଏହା ସହ ନଦୀର ସ୍ୱାଭାବିକ ପ୍ରବାହ ଓ ପରିବେଶ ସନ୍ତୁଳନ ମଧ୍ୟ ବ୍ୟାହତ ହେବା ଜଣାପଡିଛି ।ଏତେ ବଡ଼ ଧରଣର ବେଆଇନ ଖନନ କାର୍ଯ୍ୟ ଦୀର୍ଘଦିନ ଧରି ଚାଲୁଥିଲେ ମଧ୍ୟ ସମ୍ପୃକ୍ତ ବିଭାଗର ନିରବତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ତୁରନ୍ତ ଘଟଣାର ତଦନ୍ତ କରି ବେଆଇନ ଖନନ ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।ଏନେଇ ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ସହ ଯୋଗାଯୋଗ ପାଇଁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରିନଥିଲେ । ଫଳରେ ତାଙ୍କ ପ୍ରତିକ୍ରିୟା ମିଳିପାରିନଥିଲା ।ଅନ୍ୟପକ୍ଷରେ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଥିଲେ, ଏନେଇ ଆମ ପାଖରେ ଅଭିଯୋଗ ପହଁଚିଛି । ନଦୀକୂଳ ଘଂ ଜଙ୍ଗଲିଆ ହୋଇଥିବାରୁ ସେଠାକୁ ଗାଡ଼ି ଯିବା ପାଇଁ ସୁବିଧାଜନକ ରାସ୍ତା ନାହିଁ । ଏହାର ସୁଯୋଗ ନେଇ ଅସାଧୁ ବ୍ୟକ୍ତିମାନେ ବେଆଇନ ମାଟି ଓ ବାଲି ଉତୋଳନ କରୁଛନ୍ତି । ତେବେ ଖୁବ୍ ଶୀଘ୍ର ସେଠାରେ ଚଢ଼ାଉ କରାଯାଇ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ ।

# ଦୁଷ୍କର୍ମକାରୀଙ୍କୁ ୧୨ବର୍ଷ କାରାଦଣ୍ଡାଦେଶ

ଯାଜପୁର(ନିପ୍ର) : ୧୭ ବର୍ଷୀୟ ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ । ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତଙ୍କୁ ୧୨ବର୍ଷ କାରାଦଣ୍ଡାଦେଶ ଶୁଣାଇଲେ ଯାଜପୁରର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ । ଅଭିଯୁକ୍ତ ହେଲେ ବ୍ୟାସନଗର ପୌରାଂଚଳ ସାପଗାଡ଼ିଆ ଗାଁର କାଳନ୍ଦୀ ମୁଖୀଙ୍କ ପୁଅ କିରଣ ମୁଖୀ । ୨୦୨୫ ମସିହା ଯାଜପୁର ରୋଡ଼ ଥାନା ଅଂଚଳର ୧୭ ବର୍ଷୀୟ ନାବାଳିକା ଝିଅ ରାତିରେ ପରିଶ୍ରା କରିବାକୁ ଘର ବାହାରକୁ ଆସିଥିବା ସମୟରେ ଦୁଷ୍କର୍ମ କରିଥିଲେ ଅଭିଯୁକ୍ତ । ଏ ନେଇ ପିଡିତାଙ୍କ ପରିବାର ବର୍ଗଙ୍କ ପକ୍ଷରୁ ଯାଜପୁର ରୋଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତି କରି ଦୁଷ୍କର୍ମକାରୀ କିରଣ ଙ୍କୁ ପୋଲିସ ପୋକ୍ସୋ ଧାରା ୪ ଓ ବିଏନଏସ ୧୩୭ (୨ )ଅନୁଯାୟୀ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଆଜି ଏହି ମାମଲା ର ଶୁଣାଣି କରିଛନ୍ତି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ । ୧୭ ଜଣଙ୍କ ସାକ୍ଷ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ୧୨ ବର୍ଷ କାରାଦଣ୍ଡାଦେଶ ସହ ୬୦ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି । ଏଥି ସହିତ ଅନାଦୟ ୧୫ ମାସ ଅଧିକ କାରାଦଣ୍ଡାଦେଶ ସହ ପିଡିତା ଙ୍କୁ ୮ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଲାସ ସେନାପତି । ଏହି ମାମଲା କୁ ସରକାରୀ ଓକିଲ ପ୍ରତାପ କୁମାର ରାୟ ପରିଚାଳନା କରିଛନ୍ତି ।

# ସୁଭଦ୍ରା ଶକ୍ତି ସମାବେଶ ଓ ସୁଭଦ୍ରା ଶକ୍ତି ସମ୍ବାଦ



କେନ୍ଦୁଝର(ନିପ୍ର): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତି ଅବସରରେ "ବିକାଶ ଧାରା ଓଡିଶା ସାରା" କାର୍ଯ୍ୟକ୍ରମ ଚାଲୁଅଛି । ଏହି ଉପଲକ୍ଷେ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଡଡୁମୁରିଆ ପଂଚାୟତ ପରିସରରେ ଶନିବାର ସୁଭଦ୍ରା ଶକ୍ତି ସମାବେଶ ଓ ସୁଭଦ୍ରା ଶକ୍ତି ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପିର ଝୁମ୍ପୁରା ମଣ୍ଡଳର ସାଧାରଣ ସମ୍ପାଦକ ପୁଷ୍ପକ କୁମାର ମହାନ୍ତ ଥିବା ବେଳେ ସମ୍ମାନୀୟ ଅତିଥି ଭାବେ ବଡଡୁମୁରିଆ ପଂଚାୟତର ପି.ଇ.ଓ ସବେରା ସର୍ଗମ ଏକଲବ୍ୟ, ଏମ.ବି.କେ ମଧୁସ୍ମିତା ବେହେରା, ଜି.ପି.ଏଲ୍.ଏଫ.ର ସଭାପତି ମାନିନୀ ବେହେରା, ଜି.ପି.ଏଲ୍.ଏଫ.ର ସମ୍ପାଦକ ରଶ୍ମିତା ବେହେରା, ବିଜେପିର ବଡଡୁମୁରିଆ ଶକ୍ତିକେନ୍ଦ୍ରର ବୁଥ୍ ସଭାପତି ବିଜୟ କୁମାର ବେହେରା ଏବଂ ମୁଖ୍ୟବକ୍ତା ଯୁବ ସମାଜ ସେବି ତଥା ବିଜେପିର ଉଖୁଣ୍ଡା ମଣ୍ଡଳ ଏସ୍.ସି. ମୋର୍ଚ୍ଚା ସଭାପତି ଗଗନ କୁମାର ପାତ୍ର ମଂଚାସିନ ଥିଲେ । ଯୁବନେତା ମାନସ ରଞ୍ଜନ ମହାରଣା ସଭାପରିଚାଳନା କରିଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ଯୁବ ନେତା ସଂଜୀବ କୁମାର ମହାରଣା । ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥି ମାନେ ଯୋଗଦେଇ ମହିଳା ମାନେ ସଶକ୍ତ ହେଲେ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ହୋଇପାରିବ ବୋଲି କହିଥିଲେ । ପଂଚାୟତଗୁଡ଼ିକରେ ହିତାକାରୀମାନଙ୍କୁ ଭତା, ମହିଳା ଗୋଷ୍ଠୀ ଓ ଲକ୍ଷପତି ଦିଦିଙ୍କୁ ଋଣ ବଂଟନ କରାଯାଇଥିବା ବେଳେ ମହିଳା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା । ଅତିଥି ମାନେ ବିଭିନ୍ନ ଷ୍ଟୋଲ ବୁଲିବା ସହିତ ଉଦ୍ୟାଗୀ , କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟଗ କ୍ଷ୍ୟତ୍ରରେ ବିକାଶ, ରୋଜଗାର ସୃଷ୍ଟି ଏବଂ ଆତ୍ମନିର୍ଭର ଭାରତ ଗଠନରେ କ୍ଷୁଦ୍ର ଶିଳ୍ପ ଉଦ୍ୟଗ କ୍ଷେତ୍ରରେ ଗୁରୁତ୍ୱ ବଢାଇବା ଉର୍ଦ୍ଧେଶ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଏବଂ ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଉପରେ ଉଦ୍ୟାଗୀ ମାନଙ୍କ ସହିତ ଆଲୋଚନା କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Balasore dated 04.09.2025, I, Ashalata Dalai, W/o- Debendra Behera, Address At- Akna, Po- Paschimabad, Ps- Jaleswar, Dist- Balasore, Odisha - 756026 declare that I have changed my name from Rakhi Dalai to Ashalata Dalai. Henceforth, I shall be known as Ashalata Dalai for all purposes.

Sd/-
Ashalata Dalai

# ଲୋକ ନୋଡାଲ ବିଦ୍ୟାପୀଠରେ 'ବିଦ୍ୟୁତ ନିରାପତା ସଚେତନତା କର୍ମଶାଳା'

ନୟାଗଡ଼(ନିପ୍ର) : ଶରଣକୁଳ ନିକଟ ପଂଚିରିଡ଼ା ମାନପୁର ଗ୍ରାମରେ ଥିବା ଲୋକ ନୋଡ଼ାଲ ବିଦ୍ୟାପୀଠରେ ବିଦ୍ୟୁତ ନିରାପତା ସଚେତନତା କର୍ମଶାଳା ଆୟୋଜିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକଙ୍କ ଅନୁରୋଧ କ୍ରମେ ଶରଣକୁଳ ବିଦ୍ୟୁତ ବିଭାଗ ତରଫରୁ ଶିକ୍ଷାଦେବା ପାଇଁ ବିଶ୍ୱଭୂଷଣ ବିଷୋଇ, ସେଫ୍ଟି ଅଫିସର, ବିମଳ କୁମାର ଯାଦବ, ସେଫ୍ଟି ଅଫିସର, ରାମଚନ୍ଦ୍ର ସାହୁ, ଲାଇନ୍ସମାନ, ପ୍ରକାଶ ଚନ୍ଦ୍ର ମାନା, ଲାଇନ୍ସମାନ, ସୁଜିତ କୁମାର ପ୍ରଧାନ, ଲାଇନ୍ସମାନ ଓ ପ୍ରଦୀପ କୁମାର ସେନାପତି, ଲାଇନ୍ସମାନ ରିସୋର୍ସପର୍ସନ ତଥା ଅତିଥି ରୂପେ ଯୋଗ ଦେଇଥିଲେ । ସେମାନେ ବିଦ୍ୟୁତ ଜନିତ ଦୁର୍ଘଟଣାରୁ କେମିତି ରକ୍ଷା ପାଇବା ତାହା ଉପରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ସହ ଯୋଗ ଦେଇଥିବା ଜନସାଧାରଣଙ୍କୁ ଶ୍ରେଣୀଗୃହ ଶିକ୍ଷା ଏବଂ ପ୍ରାଟିକାଲ ଶିକ୍ଷା ପ୍ରଦାନ କରିଥିଲେ । ପ୍ରଥମେ ପୂର୍ବାହ୍ନରେ



ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ମନୋରଞ୍ଜନ ରାଉତଙ୍କ ନେତୃତ୍ୱରେ ବିଦ୍ୟୁତ ନିରାପତା ସଚେତନତା ରାଲିରେ ଗ୍ରାମ ପରିକ୍ରମାରେ ବାହାରି ଥିଲେ । ବିଦ୍ୟୁତ ନିରାପତା ରାଲି ବିଦ୍ୟାଳୟରୁ ବାହାରି ବିଦ୍ୟୁତ ନିରାପତା ସମ୍ବନ୍ଧୀୟ ସ୍ଲୋଗାନ ଦେଇ ପଂଚିରିଡା ମାନପୁର ଗ୍ରାମର ନୂଆସାହି, ମଝିସାହି ଓ ତଳସାହି ପରିକ୍ରମା କରିଥିଲା । ସାହି ଭିତରେ ଆୟୋଜିତ ପଥପ୍ରାନ୍ତ ସଭାରେ ଲୋକମାନଙ୍କୁ ତଥା ସାହିର ମାଆ ଭଉଣୀ ମାନଙ୍କୁ ବିଦ୍ୟୁତ ନିରାପତା ଉପରେ ଆକର୍ଷଣୀୟ ଢ଼ଙ୍ଗରେ ବକ୍ତବ୍ୟ ପ୍ରଦାନ କରାଯାଇଥିଲା । ଗ୍ରାମର ଘରେ ଘରେ ପ୍ରଚାର ପତ୍ର ବ[ନ କରାଯାଇଥିଲା । ରାଲି ଫେରିବା ପରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦ୍ୱିତୀୟ ପଯ୍ୟାର୍ୟରେ ବିଦ୍ୟୁତ ନିରାପତା ଉପରେ ପ୍ରକଳ୍ପ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା । ତା ପରେ ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହଙ୍କ ପୌରୋହିତ୍ୟରେ ବିଦ୍ୟୁତ ନିରାପତା ଉପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଆରମ୍ଭରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ଅତିଥି ସ୍ୱାଗତ ସଂଗୀତ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ବରିଷ୍ଠ ଶିକ୍ଷକ ଡ.ସୁରେଶ ଚନ୍ଦ୍ର ବରାଡ଼ ଅତିଥି ମାନଙ୍କର ସ୍ୱାଗତ ତଥା ପରିଚୟ ପ୍ରଦାନ କରିଥିଲେ । ତାହା ପରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟୁତ ନିରାପତା ଉପରେ ଏକ କ୍ଷୁଦ୍ର ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ପରେ ରିସୋର୍ସପର୍ସନମାନେ ସେମାନଙ୍କର ବକ୍ତବ୍ୟ ରଖି ବିଦ୍ୟୁତ ସମ୍ପର୍କୀର୍ଯ ଦୁର୍ଘଟଣା ଓ ତତ୍ଜନିତ ବିପଦରୁ କିପରି ରକ୍ଷା ପାଇହେବ ବର୍ଣ୍ଣନା କରିଥିଲେ । ତାହା ପରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଧାନ ଶିକ୍ଷକ ଓ ଅତିଥିମାନେ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ । ଶିକ୍ଷକ ପ୍ରେମାନନ୍ଦ ପାତ୍ର, ବାପିନା ବେହେରା, ସ୍ମୃତି ରଂଜନ ରାଉତ, ମାନସ ରଂଜନ ସାହୁ, ଅଶୋକ କୁମାର ମହାପାତ୍ର, ରମେଶ କୁମାର ମହାନ୍ତି, ଶୁଭେନ୍ଦୁ କୁମାର ପରିଡ଼ା, ମାଳତୀ ଦେଇ, ମାଳତୀ ବେହେରା, ଶିକ୍ଷୟିତ୍ରୀ ସୋନାଲିନ ନାୟକ, ଅଫିସ ସହାୟକ ଭବାନୀ ବାଘ, ଟୁନି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷକ ଡ.ସୁରେଶ ଚନ୍ଦ୍ର ବରାଡ଼ କାର୍ଯ୍ୟକ୍ରମ ସଂଯୋଜନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ-୨୦୨୬ର ଶୁଭାରମ୍ଭ

କଟକ(ନିପ୍ର) : ଆନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ ଅବସରରେ କଟକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ-୨୬' ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଛି । ରାଜ୍ୟରେ ଉଦ୍ୟୋଗିତାର ବିକାଶ, ନୂତନ ଉଦ୍ୟୋଗୀ ସୃଷ୍ଟି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଏବଂ ସରକାରୀ ସହାୟତା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପାଂଚ ଦିନ ଧରି ଚାଲିବ । କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଂଚଳିକ ପ୍ରବନ୍ଧକ ଚୌଧୁରୀ ଅଶ୍ୱିନୀ ପ୍ରହରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍ଏସ୍ଏମ୍ଇ କ୍ଷେତ୍ର ଦେଶର ଅର୍ଥନୀତିର ମେରୁଦଣ୍ଡ ବୋଲି କହିଥିଲେ । ସେ କହିଥିଲେ ଯେ, ବର୍ତମାନ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନ ପକ୍ଷରୁ ଉଦ୍ୟୋଗୀ ମାନଙ୍କ ପାଇଁ ସହଜ ଋଣ ବ୍ୟବସ୍ଥା, ମୁଦ୍ରା ଋଣ, ଷ୍ଟାର୍ଟଅପ୍ ସହାୟତା ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ଉପଲବ୍ଧ କରାଯାଉଛି । ଯୁବପିଢ଼ି ଚାକିରି ଖୋଜୁଥିବା ବ୍ୟକ୍ତି ନହୋଇ ଚାକିରି ସୃଷ୍ଟିକାରୀ ଉଦ୍ୟୋଗୀ ହେବାକୁ ଆଗେଇ ଆସିଲେ ଆତ୍ମନିର୍ଭର ଭାରତ ଓ ଆତ୍ମନିର୍ଭର ଓଡ଼ିଶା ଗଠନର ଲକ୍ଷ୍ୟ ସଫଳ ହେବ । ଉଦ୍ୟୋଗିତା ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ସହ ସ୍ଥାନୀୟ ସ୍ତରରେ ରୋଜଗାର ସୃଷ୍ଟି ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ମନୋଜ ମହାପାତ୍ର ସ୍ୱାଗତ ଭାଷଣ ଦେଇ ଉଦ୍ୟୋଗୀ ମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା, ପୁଞ୍ଜି ବିନିଯୋଗ ସହାୟତା, ପ୍ରଶିକ୍ଷଣ ଏବଂ ବଜାର ସଂଯୋଗ ସୁବିଧା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଡେପୁଟି କଲେକ୍ଟର ସୋଫି ସାଇନିକା ନିଜ ଅଭିଭାଷଣରେ କହିଥିଲେ ଯେ, ବର୍ତମାନର ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗିତା ପ୍ରତି ଆଗ୍ରହ ବଢ଼ାଇବା ଆବଶ୍ୟକ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ସଫଳ ଉଦ୍ୟୋଗୀ ହେବା ପାଇଁ ସକରାତ୍ମକ ଚିନ୍ତାଧାରା, ନୂତନତ୍ୱ ଏବଂ ଯଥାସମୟରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବାର ମାନସିକତା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ ।

# ୧୧ଟି ବେଆଇନ କାଠ ଗାଡ଼ି ଜବତ

ଜଳେଶ୍ୱର(ନିପ୍ର) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେଞ୍ଜର ବନ୍ୟପ୍ରାଣୀ ବନାଂଚଳ ସରକାରୀ ଭାରପ୍ରାପ୍ତ ବନ ସଂରକ୍ଷକ ସଞ୍ଜୟ କୁମାର ମହାନ୍ତି ଗତ ମେ ୧୯ ତାରିଖରେ ଜଳେଶ୍ୱର ରେଂଜରେ ଭାରପ୍ରାପ୍ତ ରେଞ୍ଜୋର ଭାବେ ଦାୟିତ୍ୱ ଗ୍ରହଣ କରିବାର ୪୦ ଦିନ ମଧ୍ୟରେ ୧୧ ଗୋଟି ବେଆଇନ କାଠ ବୋଝେଇ ଗାଡି ଜବତ କରିବାରେ ସଫଳ ହୋଇଛନ୍ତି ଯାହା ଫଳରେ ସାଧାରଣତଃ କାଠ ମାଫିଆଙ୍କ ମହଲରେ କକୁହା ଭୟ ଖେଳି ଯାଇଛି । ସାଧାରଣ ଲୋକଙ୍କ କହିବା କଥା ପୁର୍ବରୁ ଏଭରି ଧର ପଗଡ଼ ଆଦୁ ହେଉନଥିଲା ଯାହା ଫଳରେ କାଠ ମାଫିଆ ମାନେ ଦିନ ରାତି ନିରାଶ୍ରୟ ରେଓଡିଶାରୁ ପଶ୍ଚିମବଙ୍ଗ କାଠ ଗାଡି ନେବାରେ ସଫଳ ହେଉଥିଲେ । ଶ୍ରୀ ମହାନ୍ତି ବିଶେଷ ସୂତ୍ରରୁ ଖବର ପାଇ ୧୬ ନୁମ୍ବର ଜାତୀୟ ରାଜପଥ ଭେଲୁର ଠାରୁ ଗାଡି ଟିକୁ ପିଛା କରି ରାଜଘାଟ ଜଳେଶ୍ୱର ବାଇପାସ ପୋଲ ନିକଟରୁ ନିମ୍ବ କାଠ ଭର୍ତି ପିକପ ଭ୍ୟାନ ଜବତ କରିଥିଲେ ଘଟଣା ସ୍ଥଳରୁ ଡ୍ରାଇଭର ଗାଡ଼ି ଛାଡି ଚମ୍ପଟ ମାରିଥିଲେ ଜବତ କରାଯାଇ ଥିବା କାଠର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ ଆଜିର ଏହି ଚଢ଼ାଉରେ ଫୋରେଷ୍ଟ ଗାର୍ଡ ସରସ୍ୱତୀ ମୁର୍ମୁ ସମେତ ଅନ୍ୟ କର୍ମଚାରୀ ମାନେ ରହିଥିଲେ ।

# ଜଟିଆ ଷ୍ଟିଲର କଳାଧୂଆଁରେ ଅତିଷ୍ଠ ଜଖପୁରାବାସୀ

ଜଖପୁରା/ଯାଜପୁର(ନିପ୍ର) : ଯାଜପୁର ଜିଲ୍ଲାର ଜଖପୁରା ଅଂଚଳରେ ଅବସ୍ଥିତ ଜଟିଆ ଷ୍ଟିଲ କାରଖାନାରୁ ନିର୍ଗତ ହେଉଥିବା କଳା ଧୂଆଁକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଦୀର୍ଘଦିନ ଧରି କାରଖାନାର ଚିମିନିରୁ ଘନ କଳା ଧୂଆଁ ନିର୍ଗତ ହେଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି ଏବଂ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଚାଷବାସ ଉପରେ ମଧ୍ୟ ପ୍ରଭାବ ପଡୁଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ଦିନ ଓ ରାତିରେ ନିର୍ଗତ ଧୂଆଁ ପବନ ସହ ଗ୍ରାମ ଭିତରକୁ ପ୍ରବେଶ କରୁଛି । ଫଳରେ ଘରର ଛାତ, ପାନୀୟ ଜଳ, ଗଛପତ୍ର ଓ ଚାଷଜମି ଉପରେ କଳା ଧୂଳିକଣା ଜମୁଥିବା ସହ ଶ୍ୱାସକ୍ରିୟା ଜନିତ ବିଭିନ୍ନ ସମସ୍ୟା ଦେଖାଦେଉଥିବା ଦାବି କରାଯାଇଛି । ଏଭଳି ଅଭିଯୋଗ ଦୀର୍ଘଦିନ ଧରି ଉଠୁଥିବା ସତ୍ତ୍ୱେ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୌଣସି ଦୃଶ୍ୟମାନ ଯାଂଚ କିମ୍ବା ପଦକ୍ଷେପ ସାମ୍ନାକୁ ନ ଆସିବାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ବିଭାଗର ନିରବତା ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ଓ ଅସନ୍ତୋଷ ସୃଷ୍ଟି କରୁଥିବା ମତ ପ୍ରକାଶ ପାଇଛି । ସ୍ଥାନୀୟଙ୍କ ପ୍ରଶ୍ନ, ଯଦି କାରଖାନା ପ୍ରଦୂଷଣ ନିୟନ୍ତ୍ରଣ ନିୟମ ମାନୁଛି, ତେବେ ଏତେ ପରିମାଣର କଳା ଧୂଆଁ କିପରି ନିର୍ଗତ ହେଉଛି । ଆଉ ଯଦି ନିୟମ ଉଲ୍ଲଂଘନ ହେଉଛି, ତେବେ ତାହା ବିରୋଧରେ ସମ୍ପୃକ୍ତ ବିଭାଗ କାହିଁକି ନିରବ ରହିଛି । ଏହି ପ୍ରଶ୍ନ ବର୍ତମାନ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ଗ୍ରାମବାସୀମାନେ ଦାବି କରିଛନ୍ତି ଯେ, ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ତୁରନ୍ତ ଘଟଣାସ୍ଥଳକୁ ଯାଇ କାରଖାନାର ନିର୍ଗମନ ବ୍ୟବସ୍ଥା, ବାୟୁ ପ୍ରଦୂଷଣର ମାତ୍ରା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଉପକରଣର କାର୍ଯ୍ୟକ୍ଷମତାର ସ୍ୱଚ୍ଛ ଯାଂଚ କରନ୍ତୁ । ଯାଂଚରେ କୌଣସି ଅନିୟମିତତା ପ୍ରମାଣିତ ହେଲେ, ପ୍ରଚଳିତ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି ।

# ଆନ୍ତର୍ଜାତିକ ମାଦକଦ୍ରବ୍ୟ ଅପବ୍ୟବହାର ଓ ବେଆଇନ ଚାଲାଣ ବିରୋଧୀ ଦିବସ ପାଳିତ

ଯାଜପୁର(ନିପ୍ର) : ଜିଲ୍ଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଠାରେ ଆନ୍ତର୍ଜାତିକ ମାଦକଦ୍ରବ୍ୟ ଅପବ୍ୟବହାର ଓ ବେଆଇନ ଚାଲାଣ ବିରୋଧ ଦିବସ ପାଳିତ ହୋଇଛି । ଏଥିରେ ପ୍ରାଧିକରଣ ସଚିବ ଲିପା ମହାନ୍ତି ଅଧ୍ୟକ୍ଷତା କରିଥିଲେ । ସଚିବ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅତିଥି ଆଲୋଚକ ଭାବେ ସିନିୟର୍ ସିଭିଲ୍ ଜଜ୍




ଲୋପା ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତର ପ୍ରଶାନ୍ତ କୁମାର ବେହେରା ଓ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ବିଶେଷତ୍ୱ ଏବଂ ଚଳିତବର୍ଷର ଥିମ୍ 'ବିଶ୍ୱ ନିଶାଦ୍ରବ୍ୟ ସମସ୍ୟା- ପୁରୁଣା ସମସ୍ୟା, ନୂଆ ଆହ୍ୱାନ, ଅଭିନବ ସମାଧାନ' ସମ୍ବନ୍ଧୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାସହ ଦେଶାନ୍ତର ଶ୍ରମିକମାନଙ୍କ ସମସ୍ୟା ଓ ଏହାର ସମାଧାନ, ଯୌତୁକ ନିର୍ଯ୍ୟାତନା ସଂପର୍କିତ ଆଇନଗତ ଦିଗ, ବାଲ୍ୟବିବାହ ନିରୋଧୀ ଓ ଅଣସଂଗଠିତ ମହିଳା ଶ୍ରମିକ ସ୍ୱାର୍ଥର ସୁରକ୍ଷା ଆଦି ବିଷୟରେ ସଚେତନତା ଧର୍ମୀ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ଅତିଥି ଆଲୋଚକ ମାନେ ଦେଇଥିଲେ । ରସାୟନ ବିଜ୍ଞାନ ପ୍ରଫେସର ଡ.ଦିବ୍ୟ ଲୋଚନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ମହାବିଦ୍ୟାଳୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।



# ଉଦ୍ୟମୀ ଓଡ଼ିଶା MSME କାର୍ଯ୍ୟକ୍ରମ-୨୦୨୬ ଉଦ୍‌ଘାଟିତ

ଝାରସୁଗୁଡା, (ନି.ପ୍ର.): ଜାତୀୟ ଗଝଗର ଦିବସ ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ଝାରସୁଗୁଡା ପକ୍ଷରୁ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଗଝଗର କାର୍ଯ୍ୟକ୍ରମ-୨୦୨୬'ର ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଏମ. ସି ଏଲ ଅଡ଼ିଟରିୟମ ହଲ ପ୍ରାଙ୍ଗଣରେ ଅଦ୍ୟ ତା. ୨୭.୬.୨୬ ରିଖ (ଶନିବାର ) ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଝାରସୁଗୁଡାର ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ କୁଣକ୍ଷଲ ମୋତିରାମ ଚଓ୍ୱକ୍ଷଣ ସଭାପତିତ୍ୱ କରିଥିଲେ । ଏଥିରେ ମାନ୍ୟବର ସାଂସଦଙ୍କ ନୋମିନୀ ଶ୍ଳୋକ ସରନା, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି ବିକାଶ ସୁଲତାନିଆ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଅରିନ୍ଦମ ପ୍ରଧାନ ଉପସ୍ଥିତ ଥିଲେ । ସଭାକୁ ସମ୍ବୋଧିତ କରି ମାନ୍ୟବର ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ଯେଉଁ ଜିଲ୍ଲା, ରାଜ୍ୟ ଓ ଦେଶର ଗଝଗର କ୍ଷେତ୍ର ଯେତେ ସଶକ୍ତ, ସେହି ଜିଲ୍ଲା, ରାଜ୍ୟ ଓ ଦେଶ ସେତେ ଉନ୍ନତ । ସେ ଝାରସୁଗୁଡାର ବୃହତ୍ ଶିଳ୍ପ ସଂସ୍ଥାମାନଙ୍କୁ ସ୍ଥାନୀୟ ଗଝଗର, ଝଐଏ ଓ ହସ୍ତଶିଳ୍ପ ଉତ୍ପାଦକଙ୍କଠାରୁ ଅଧିକରୁ ଅଧିକ ସାମଗ୍ରୀ କ୍ରୟ କରିବାକୁ ଆହ୍ୱାନ ଜଣାଇଥିଲେ, ଯାହା ଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନଙ୍କ ବଜାର ସୁଦୃଢ଼ ହେବ । ସଭାପତିତ୍ୱ ଅଭିଭାଷଣ ରେ ଜିଲ୍ଲାପାଳ ଶ୍ରୀ କୁଣକ୍ଷଲ ମୋତିରାମ ଚଓ୍ୱକ୍ଷଣ ସମସ୍ତଙ୍କୁ ଜାତୀୟ ଗଝଗର ଦିବସର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଗଝଗର ହେଉଛି ଦେଶର ଅର୍ଥନୀତିର ମେରୁଦଣ୍ଡ । ଶେଷରେ ମାନ୍ୟବର ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ଏବଂ ଜିଲ୍ଲାପାଳ ଶ୍ରୀ କୁଣକ୍ଷଲ ମୋତିରାମ ଚଓ୍ୱକ୍ଷଣ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶ୍ରୀ ଅରିନ୍ଦମ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସୁକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଏବଂ ବୃହତ ଶିଳ୍ପ ଉଦ୍ୟୋଗ ର ବହୁ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗ ର ଅଧିକାରୀ ଏବଂ କର୍ମଚାରୀ ମକ୍ଷନେ ଉପସ୍ଥିତ ଥିଲେ କ୍ଷଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ-୨୦୨୬ରେ ୩୦ଟି ଷ୍ଟଲରେ ଶିଳ୍ପ ଓ ସ୍ଥାନୀୟ ଉତ୍ପାଦର ଆକର୍ଷଣୀୟ ପ୍ରଦର୍ଶନୀ ଆଜି ଠାରୁ ଜୁଲାଇ ମାସ ୧ ତାରିଖ ପର୍ଯ୍ୟନ୍ତ(ପାଂଚ ଦିନ )ପ୍ରଦର୍ଶିତ ହେବ ।

# ବୁଦ୍ଧିଜୀବୀ ସମ୍ମିଳନୀ, ଦୁଇ ବର୍ଷରେ ବଦଳିଛି ସହର ଓ ଗ୍ରାମାଂଚଳର ଚେହେରା, ଶିକ୍ଷା ଓ ସ୍ୱାସ୍ଥ୍ୟରେ ବଡ଼ କ୍ରାନ୍ତି

ଝାରସୁଗୁଡ଼ା(ନି.ପ୍ର.) , ଝାରସୁଗୁଡା ସହର ବଢ଼େଇମୁଣ୍ଡା ସ୍ଥିତ ଇଞ୍ଜିନିଅରିଂ ସ୍କୁଲ ଠାରେ ନିର୍ବାଚନ ମଣ୍ଡଳ ସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ଶୁକ୍ରବାର ଅପରାହ୍ନ ରେ ଅନୁଷ୍ଠିତ ହୋଇ ଯାଇଛି ।କାର୍ଯ୍ୟକ୍ରମ ରାଜ୍ୟ ସରକାର ଙ୍କ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗ ଦେଇ ବର୍ତମାନ ଡବଲ ଇଂଜିନ ସରକାର ରେ ଝାରସୁଗୁଡା ରେ ଡବଲ ବିକାଶ ହୋଇଛି ଏବଂ ଧୀରେ ଧୀରେ ଝାରସୁଗୁଡା ଉନ୍ନତି ର ଶିଖର ରେ ପହଂଚିବା ର ପ୍ରୟାସ ଜାରି ରହିଛି ।ବର୍ତମାନ ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ର ସାମଗ୍ରିକ ବିକାଶ ଉପରମୁହାଁ ବୋଲି ମତ ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗତ ଦୁଇ ବର୍ଷ ରେ ଭାଜପା ସରକାର ଦ୍ୱାରା ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ଉନ୍ନତି ର ଚରମ ସୀମା ରେ ପହଂଚିଛି ବୋଲି ମତ ପ୍ରକାଶ କରିଥିଲେ ।ଏହା ସହିତ ବିଧାୟକ ତ୍ରିପାଠୀ ଜନସାଧାରଣଙ୍କ ସହଯୋଗ ଏବଂ ଜିଲ୍ଲା ପ୍ରଶାସନର ଦୂ ରଦର୍ଶୀ ପରିଚାଳନା ଯୋଗୁଁ ବିଗତ ଦୁଇ ଆର୍ଥିକ ବର୍ଷ ୨୦୨୪-୨୫ ଏବଂ ୨୦୨୫-୨୬ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ପ୍ରଗତିର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, କୃଷି ଏବଂ ଭିତିଭୂମି କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣି ଜିଲ୍ଲା ଏକ ଆଦର୍ଶ ମଡେଲ ଭାବେ ଉଭା ହୋଇଛି । ?ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ୩୪୧.୪୦ କୋଟିରୁ ଅଧିକ ପୁଞ୍ଜିନିବେଶ କରାଯାଇଛି । ଏଠାରେ ସ୍ଥାପିତ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କାର୍ଡିଆକ ହସ୍ପିଟାଲ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର ପାଲଟିଛି ।ମଙ୍ଗଳବଜାର ସାଟେଲାଇଟ ହସ୍ପିଟାଲ ଚାଲୁ ହେବା ସହିତ ମୁଣ୍ଡାମହୁଲ ଓ କୋଲାବିରାଠାରେ ନୂତନ ସି ଏଚ ସି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ରିଟିକାଲ କେୟାର ବ୍ଲକ ନିର୍ମାଣ କରାଯାଇଛି । ଶିକ୍ଷା କ୍ଷେତ୍ରରେ, ୯୧.୧୭ କୋଟି ବ୍ୟୟରେ ୧୦୩ଟି ପ୍ରକଳ୍ପ ହାତକୁ ନିଆଯାଇଛି, ଯେଉଁଥିରେ 'ପିଏମ୍ ଶ୍ରୀ' ଯୋଜନାରେ ୧୧ଟି ବିଦ୍ୟାଳୟର ଆଧୁନିକୀକରଣ ସାମିଲ ଅଛି । ?ପୌର ସଂସ୍କାର ଓ ସହରୀ ବିକାଶ ?ଝାରସୁଗୁଡ଼ା ପୌରପାଳିକା ପକ୍ଷରୁ ବୈଜ୍ଞାନିକ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୪ଟି ଏମ ସି ସି ଓ ଏମ ଆର ଏଫ ସେଂଟର ସ୍ଥାପନ କରାଯାଇଛି । ସହରର ରାଜସ୍ୱ ବୃଦ୍ଧି ପାଇଁ ୨୪ କୋଟି ବ୍ୟୟରେ ମଲ୍ଟି-ୟୁଟିଲିଟି କମର୍ସିଆଲ କମ୍ପ୍ଲେକ୍ସ ଏବଂ ୩ କୋଟି ବ୍ୟୟରେ ନୂତନ ପୌର କାର୍ଯ୍ୟାଳୟ ଭବନ ନିର୍ମାଣାଧୀନ ଅଛି । ଗୋବଂଶଙ୍କ ସୁରକ୍ଷା ପାଇଁ ଆଧୁନିକ ଗୋଶାଳା ମଧ ପ୍ରତିଷ୍ଠା କରାଯାଇଛି ।ମହିଳା ସଶକ୍ତିକରଣ ଜିଲ୍ଲା ହବ୍ ଡ଼ିଏଚଇଡବ୍ଲୁ ଦ୍ୱାରା ୧୪୫ଟି ସଚେତନତା କାର୍ଯ୍ୟକ୍ରମ ଏବଂ 'ୱାନ ଷ୍ଟପ ସେଂଟର' ମାଧମରେ ୪୮୧ଟି ମାମଲାର ସଫଳ ସମାଧାନ କରାଯାଇଛି ।



କୌଶଳ ବିକାଶ ଏବଂ 'ନୂଆ ଓଡ଼ିଶା' ଯୋଜନା ମାଧ୍ୟମରେ ଶତାଧିକ ଯୁବପିଢ଼ିଙ୍କୁ ନିଯୁକ୍ତି ମିଳିଥିବା ବେଳେ ନୂତନ ଉଦ୍ୟୋଗୀ ସୃଷ୍ଟି କରାଯାଇଛି । ଜିଲ୍ଲାର ପ୍ରାୟ ୬୬,୯୪୫ ଚାଷୀଙ୍କ ପଞ୍ଜୀକରଣ ସହ ଡିଜିଟାଲ କ୍ରପ୍ ସର୍ଭେ କରାଯାଇଛି । 'ଶ୍ରୀ ଅନ୍ନ ଅଭିଯାନ' ଏବଂ ପ୍ରାକୃତିକ ଚାଷକୁ ବ୍ୟାପକ ପ୍ରୋତ୍ସାହନ ଦିଆଯାଉଛି । ପରିବେଶ ସୁରକ୍ଷା ପାଇଁ ୮.୬୩ ଲକ୍ଷ ଚାରା ରୋପଣ କରାଯିବା ସହ ୨୨.୫ ହେକ୍ଟର ଜମିରେ ସହରୀ ବନୀକରଣ ସୃଷ୍ଟି କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ମନ୍ତ୍ରୀ ନାଏକ ଓ ବିଧାୟକ ତ୍ରିପାଠୀ ବିକାଶ ର ଧାରା, ଓଡିଶା ସାରା, ଦୁଇ ବର୍ଷ ର ପ୍ରୟାସ ନାମକ ଏକ ପୁସ୍ତକ ଯେଉଁଥିରେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ର ଗତ ଦୁଇ ବର୍ଷ ର କାର୍ଯ୍ୟଧାରା ଏବଂ ସଫଳତା କୁ ଉଲ୍ଲେଖ କରାଯାଇଛି, ତାହାକୁ ଲୋକାର୍ପିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ର ବୁଦ୍ଧିଜୀବୀ, ଶିକ୍ଷାବିତ,ସମାଜସେବୀ, ଗଣ ମାଧ୍ୟମ ପ୍ରତିନିଧି ଙ୍କ ସହିତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ ।

# ବିଜେଡି ନେତା ତ୍ରିନାଥ ଗୁଆଲଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳୀ ସଭା



ଝାରସୁଗୁଡ଼ା(ନି.ପ୍ର.)ଝାରସୁଗୁଡ଼ା ଜିଲ୍ଲାର ପୂର୍ବତନ ଜିଲ୍ଲା ଯୁବ ବିଜେଡି ସଭାପତି, ପୂର୍ବତନ ଓକିଲ ସଂଘ ସଭାପତି ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ପରଲୋକରେ ଶନିବାର ଅପରାହ୍ନ ରେ ଝାରସୁଗୁଡ଼ା ସରବାହାଲ ସ୍ଥିତ ଏକ ଘରୋଇ ହୋଟେଲ ଠାରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ସଭା ତଥା ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଶୋକସଭାର ପ୍ରାରମ୍ଭରେ ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହାପରେ ଉପସ୍ଥିତ ସମସ୍ତ ନେତୃବୃନ୍ଦ, କର୍ମୀ ଓ ସମର୍ଥକ ସ୍ୱର୍ଗତ ଗୁଆଲଙ୍କ ଅମର ଆତ୍ମାର ସଦ୍ ?ଗତି ନିମନ୍ତେ ୨ ମିନିଟ୍ ? ପାଇଁ ନୀରବ ପ୍ରାର୍ଥନା କରିଥିଲେ । ସଭାରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ସ୍ୱର୍ଗତ ଗୁଆଲଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ତ୍ୟାଗ, ନିଷ୍ଠା ଓ ସଂଗଠନ ପ୍ରତି ଥିବା ଅତୁଳନୀୟ ଅବଦାନକୁ ମନେ ପକାଇ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଉପସ୍ଥିତ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା, ଝାରସୁଗୁଡାର ପୂର୍ବତନ ବିଧାୟିକା ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦିକା ଦୀପାଳୀ ଦାସ,ରାଜ୍ୟ ବିଜେଡିର ବରିଷ୍ଠ ଯୁବନେତା ସଂଜିତ ମହାନ୍ତି, ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ?ଜୟନ୍ତୀ ବାହୁକ, ?ପିଂଟୁ ପାଢ଼ୀ, ?ତାପସ ରାୟ ଚୌଧୁରୀ, ?ସନ୍ଦୀପ ଅବସ୍ଥି, ?ଜଗନ୍ନାଥ ଜେନା, ?ରାଧାରାଣୀ ପଣ୍ଡା,ରଘୁମଣି ପଟେଲ, ?ରବି ସିଂ, ?ବିଶ୍ୱନାଥ ନାୟକ, ?ରାଣୀ ହାତୀ, ?ଚିତ୍ରେଣୀ ପଟେଲ, ? ପ୍ୟାରେଲାଲ ଶ୍ରୀବାସ୍ତବ, ରୋବିନ ପାଣ୍ଡେ ହିତେଶ୍ୱରୀ ଦେହେରିଆ, ?ଅଶୋକ ଦାସ, ?ପବନ ସିଂ ଯାଦବ, ?ନଛୁ ଶର୍ମା, ?ଭବାନୀ ସାହା, ?ନବନୀତ କୌର, ?ଦୀପା ନାଏକ, ?ଜ୍ୟୋତି ସୁନା, ?ତୁଳସୀ ଦାସ, ?ଆଲୋକ ତ୍ରିପାଠୀ, ?ତୁଳାରାମ ସେନାପତି, ?ନକୁଳ ସାହୁ ଙ୍କ ?ସମେତ ଶତାଧିକ ବିଜେଡି ଦଳୀୟ କର୍ମୀ ଏବଂ ସ୍ଥାନୀୟ ଜନସାଧାରଣ ଏହି ଶୋକସଭାରେ ଉପସ୍ଥିତ ରହି ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସ୍ୱର୍ଗତ ଗୁଆଲଙ୍କ ବିୟୋଗ ଜିଲ୍ଲା ବିଜେଡି ତଥା ଓକିଲ ସଂଘ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସଭାରେ ମତପ୍ରକାଶ ପାଇଛି ।

# ସହର ସାରା 'ରୁଟି' ଦୋକାନରେ ମିଶୁଛି ମଇଦା, ଖାଦ୍ୟ ନିରାପତା ଅଧିକାରୀ ଚୁପ୍

ନୟାଗଡ଼(ନି.ପ୍ର.)- ନୟାଗଡ଼ ସହରରେ ଖୋଲିଛି ୧୦ରୁ ଉର୍ଦ୍ଧ୍ୱ ରୁଟି ଦୋକାନ । ଏହି ଦୋକାନ ଗୁଡ଼ିକର ନାଁ ଅଛି ଫୁଡ୍ ଲାଇସେନ୍ସ ନାଁ ଏମାନେ ଜିଏସଟି ନମ୍ବର ପାଇଛନ୍ତି । ନିମ୍ନମାନର ରୁଟି ପ୍ରସ୍ତୁତ କରି ଲୋକଙ୍କ ଆୟୁଷ ହାନୀ କରୁଥିବା ଅଭିଯୋଗ ହୋଇଛି । ନୟାଗଡ଼ ସହରରେ ଖୋଲିଥିବା ରୁଟି ଦୋକାନ ଗୁଡ଼ିକ ଉପରେ ଆଜି ପର ?ୟ୍ୟନ୍ତ ଖାଦ୍ୟ ନିରାପତା ଅଧିକାରୀ ନଜର ପଡୁନାହିଁ । ୨ ଟଙ୍କାରେ ରୁଟି ନାଁରେ ବିଷ ବିକ୍ରି କରୁଥିବା ଅଭିଯୋଗ ହେଉଛି । ସହରର ବିଭିନ୍ନ ସ୍ଥାନରେ ରହିଥିବା ରୁଟି ଦୋକାନ ଗୁଡ଼ିକରୁ ସହରବାସୀ ପ୍ରତ୍ୟେକ ଦିନ ରୁଟି କିଣି ଖାଉଛନ୍ତି । ଅନେକ ବ୍ୟସ୍ତ ବହୁଳ ପରିବାର ଏହାକୁ ନିୟମିତ କରିଛନ୍ତି । ଘରେ ରୁଟି ପ୍ରସ୍ତୁତ କରିବା ପାଇଁ ସମୟ ଅଭାବକୁ ଦୃଷ୍ଟିରେ ରଖି ଅନେକ କିଣିନେବାକୁ ଶ୍ରେୟ ଭାବନ୍ତି । ନୟାଗଡ଼ ସହରରେ ରହିଥିବା ଅନେକ ଶିକ୍ଷାନୁଷ୍ଠାନ ହଷ୍ଟେଲକୁ ମଧ କିଣା ରୁଟି ନିଆଯାଉଛି । ବିଭିନ୍ନ ଭୋଜିଭାତ ପାଇଁ ଆବଶ୍ୟକ ରୁଟି ବଜାରରୁ କିଣା ଯାଉଛି । ମେସିନ ସାହାର ?ୟ୍ୟରେ ପ୍ରସ୍ତୁତ ହେଉଥିବା ପତଳା ରୁଟି ଖାଇବାକୁ ସିନା ଭଲ ଲାଗୁଛି, କିନ୍ତୁ ଏହା ପଛରେ ରହିଥିବା କେଳେଙ୍କାରୀକୁ କେହି ଦୃଷ୍ଟି ଦେଉନାହାନ୍ତି । ଏପରିକି ଖାଦ୍ୟ ସୁରକ୍ଷା ପ୍ରମାଣପତ୍ର ଦୋକାନୀକୁ ମିଳିଛି ନାଁ ନାହିଁ କେହି ଯାଂଚ କରୁନାହାନ୍ତି । ଖାଦ୍ୟ ସୁରକ୍ଷା ଅଧିକାରୀ ମଧ କୌଣସି ରୁଟି ଦୋକାନ ଉପରେ କେବେ ଚଢ଼ାଉ କରି ଯାଂଚ କରିବାର ନଜିର ନାହିଁ । ଯାହାକୁ ସୁବର୍ଣ୍ଣ ସୁଯୋଗ ଭାବି କିଛି ଅସାଧୁ ବ୍ୟବସାୟୀ ଲୋକଙ୍କୁ ରୁଟି ନାଁରେ ବିଷ ଖାଇବାକୁ ଦେଉଛନ୍ତି । ରୁଟି ସାଧାରଣ ଭାବେ ଅଟାରେ ପ୍ରସ୍ତୁତ କରାଯାଏ । କିନ୍ତୁ ନୟାଗଡ଼ ସହରରେ ରହିଥିବା ରୁଟି ଦୋକାନ ଗୁଡ଼ିକ ଅଟା ସହିତ ମଇଦା ଏବଂ ଏହାକୁ ମୁଲାୟମ କରିବାକୁ କିଛି ଅଖାଦ୍ୟ ମିଶାଉଥିବା ଅଭିଯୋଗ ହୋଇଛି । ଫଳରେ ରୁଟି ଗୁଡ଼ିକ ଥଣ୍ଡା ହୋଇଯିବା ପରେ ଚୋବାଇବା କଷ୍ଟ କର ହୋଇପଡୁଛି । ମଇଦା ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବାରଣ କରୁଥିବା ବେଳେ ରୁଟି ଦୋକାନି ଏହାକୁ ବ୍ୟବହାର କରିବା ମଣିଷ ଜୀବନ ସହ ଖେଳ ଖେଳିବା ଭଳି ପରିସ୍ଥିତି ସୃଷ୍ଟି କରିଛି । ନୟାଗଡ଼ ସହରର ବିଭିନ୍ନ ସ୍ଥାନରେ ଖୋଲିଥିବା ଏହି ରୁଟି ଦୋକାନ ଗୁଡ଼ିକ ମଧ୍ୟରୁ ଅନେକ ବେଆଇନ ଭାବେ ସ୍ଥାପନ କରାଯାଇଛି । ଏଥିପାଇଁ ସରକାରୀ ଅନୁମତି ମିଳିଛି କି ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ନୟାଗଡ଼ ପୌର ପରିଷଦ ଏବଂ ଖାଦ୍ୟ ନିରାପତା ଅଧିକାରୀ ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି । ରୁଟି ସେଂଟର ଗୁଡ଼ିକ ଉପରେ ଚଢ଼ାଉ କରାଯାଇ ଏହାର ମାନ, ଅନୁମତି ପତ୍ର ଏବଂ ଖାଦ୍ୟ ନିରାପତା ପ୍ରମାଣପତ୍ର ରହିଛି ନାଁ ନାହିଁ ଯାଂଚ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଇଂର୍ଟନ୍‌ସିପ୍ କାର୍ଯ୍ୟକ୍ରମର ସମାପନ ସମାରୋହ

ଭଦ୍ରକ(ନି.ପ୍ର.) ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ୩୦ ଦିନାତ୍ମକ ଇ□ନ୍‌ସିପ୍ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମକୁ କୋରାପୁଟ କେନ୍ଦ୍ରିୟ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ଼ଃ ନରସିଂହ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏନ୍‌ଇପି-୨୦୨୦ର ଦକ୍ଷତା ବିକାଶ ଶିକ୍ଷା ଓ ପ୍ରାଚ୍ୟ ବିଦ୍ୟା ଅନ୍ତର୍ଦେଶୀୟ ଶିକ୍ଷା ଏବଂ ସଂସ୍କୃତ ଶିକ୍ଷାର ପ୍ରଚାର ପ୍ରସାର ଦିଗରେ ଆଲୋକପାତ କରିଥିବା ବେଳେ ମୁଖ୍ୟବକ୍ତା ଶ୍ରୀଯୁକ୍ତ ଅକ୍ଷୟ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଶ୍ରୀମତୀ ପଣ୍ଡା, ମଞ୍ଜୁଲତା ମହାପାତ୍ର ଓ ପ୍ରଭାତୀ ନାୟକ ପ୍ରମୁଖ ଯୋଗଦେଇ ସଂସ୍କୃତ ଶିକ୍ଷାର ମାନବିକ ମୂଲ୍ୟବୋଧ ତଥା ସମାଜ ଉପରେ ପ୍ରତିଫଳନ ସଂପର୍କରେ ଆଲୋକପାତ କରିଥିଲେ । ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଚାଲିଥିବା ପ୍ରଶିକ୍ଷଣ ଶିବିରର ଅନୁଭୂତି ସମ୍ବନ୍ଧରେ ଛାତ୍ରଛାତ୍ରୀମାନେ ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶୁକଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ମଧୁସୂଦନ ତ୍ରିପାଠୀ ଓ ଗୌରାଙ୍ଗ ଦାସ ସଭା ସଂଚାଳନ କରିଥିଲେ ।


## ସିମୁଳିଆ ରାବଣ ପୋଡି ପଡ଼ିଆରୁ ବାଲିଆପାଳ ପୋଲିସ ପକ୍ଷରୁ ଏକ ମୃତ ଦେହ ଜବତ

ବାଲିଆପାଳ,(ନି.ପ୍ର) ବାଲିଆପାଳ ଥାନା ଅନ୍ତର୍ଗତ ମଧୁପୁରା ପଂଚାୟତର ସିମୁଳିଆ ରାବଣ ପୋଡି ପଡ଼ିଆରୁ ଶୁକ୍ରବାର ରାତି ସାଢ଼େ ଆଠଟା ସମୟ ରେ ବାଲିଆପାଳ ପୋଲିସ ଏକ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତକ ଜଣକ ହେଲେ ଖଗଡ଼ାପାଳ ଗ୍ରାମର ମୃତ୍ୟୁଞ୍ଜୟ ସାହୁ ଙ୍କ ପୁଅ ସତ୍ୟ ରଞ୍ଜନ ସାହୁ ।(୩୮) ସତ୍ୟରଞ୍ଜନ ସିମୁଳିଆ ଦୈନିକ ମାର୍କେଟରେ ପରିବା ଦୋକାନ ଦିଅନ୍ତି । ଆଜି ମଧ୍ୟାହ୍ନରେ ମାର୍କେଟ ସାରି ଘରକୁ ଯାଇ ନଥିଲେ । ଘର ଲୋକେ ଏଣେତେଣେ ଖୋଜାଖୋଜି କରୁଥିବା ବେଳେ ସ୍ଥାନୀୟ କିଛି ଯୁବକ ସତ୍ୟରଞ୍ଜନ ରାବଣ ପୋଡି ପଡିଆରେ ମରି ପଡିଥିବାର ଦେଖି ପୋଲିସକୁ ଖବର ଦେଥିଲେ । ଘଟଣାର ଖବର ପାଇ ବାଲିଆପାଳ ଆଇ ଆଇ ସି ସାଲଖାନ ମୁର୍ମୁ ଘଟଣା ସ୍ଥଳରେ ପହଂଚି ମୃତ ଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି । ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି । ତେବେ ତଦନ୍ତ ପରେ ଏହାର ସତ୍ୟାସତ୍ୟ ଜଣା ପଡିବ ବୋଲି ଆଇ ଆଇ ସି ଶ୍ରୀ ମୁର୍ମୁ କହିଛନ୍ତି ।

### ପ୍ରେମ ନେଇ ଷାଠିବାଙ୍କୁଡା ଗାଁରେ ଯୁବକଙ୍କୁ ହତ୍ୟା ଘଟଣାର ନୂଆ ମୋଡ଼

# ପୁଲିସ ଓ ସନ୍ଧାନୀ କୁକୁର ଓ ସାଇଂଟିଫିକ ଟିମ୍ ସହ ପୁଲିସର ତନାଘନା

ଧାମନଗର,(ନି.ପ୍ର.): ଆରଡି ନିକଟସ୍ଥ ଓଲଗ ପଂଚାୟତ ଅଧିନ ଷାଠିବାଙ୍କୁଡା ଗାଁରେ ଯୁବକଙ୍କୁ ହତ୍ୟା ଅଭିଯୋଗରେ ଗାଁ ଲୋକଙ୍କର ହୋହାଲ୍ଲା ପରେ ଆରଡି ଫାଣ୍ଡି ପୁଲିସ ଏତଲା ରଖିଥିଲା । ଏତଲା କ୍ରମେ ଶୁକ୍ରବାର ଘଟଣାସ୍ଥଳରେ ପୁଲିସ୍ ଉପରିସ୍ଥ ଅଧିକାରୀଙ୍କ ସହ ସାଇଂଟଫିକ ଟିମ୍ ଓ ସନ୍ଧାନୀ କୁକୁର ପହଂଚି ଦୀର୍ଘ ୪ ଘଂଟା ଧରି ଚଳାଇଥିଲେ ତଦନ୍ତ । ହାପି ର ମୃତ ଦେହ ଠାବ ହୋଇଥିବା ମୁନା ପଲାଇର ବାଡ଼ି ସହ ସତ୍କାର ହୋଇଥିବା ଶ୍ମସାନ ରେ ସାଇଂଟିଫିକ ଟିମ୍ ପକ୍ଷରୁ ସମସ୍ତ ଜିନିଷ ଜବତ କରାଯିବା ସହ ପରୀକ୍ଷଣ ନିମନ୍ତେ ନିଆଯାଇଛି । ଏପରିକି ଦୀର୍ଘ ସମୟ ଧରି ମୁନା ପଲାଇ ଘରେ ସନ୍ଧାନୀ କୁକୁର ଘୂରି ବୁଲିଲା ସହ ହାପିର ବାଇକ୍ ଓ ଜୋତା କୁ ଠାବ କରାଯାଇଥିଲା । ହାପି କୁ ବୈତରଣୀ ନଦୀ ପଠାରେ ସଂସ୍କାର କରି ନଦୀରେ ଭସାଇଥିବା ହାଡଖଣ୍ଡ ଠାବ କରିଥିଲା ସନ୍ଧାନୀ କୁକୁର ଓ ସାଇଂଟଫିକ ଟିମ୍ । ଗାଁ ଲୋକଙ୍କ ପକ୍ଷରୁ ଡଙ୍ଗା ଓ ଜାଲ ଦ୍ୱାରା ହାଡକୁ ଠାବ କରାଯାଇଥିଲା । ପରେ ହାପିର ମାଂସ ଖଣ୍ଡ ଓ ହାଡ଼ ନେଇ ସାଇଂଟିଫିକ ଟିମ୍



ଫେରିଯାଇଛି । ସୂଚନା ଅନୁଯାୟୀ ଷାଠିବାଙ୍କୁଡା ଗାଁର ସ୍ୱର୍ଗତ ସୁବଳ ମହାକୁଡ଼ଙ୍କ ପୁଅ ହାପିକୁ ଗତ ୧୭ତାରିଖ ବୁଧବାର ମଧ୍ୟାହ୍ନ ୧ ଟା ସମୟରେ ସେହି ଗାଁର ଛୁଂଚା ପଲାଇ ଓ ମୁନା ପଲାଇ ତାଙ୍କ ପୁଅ ସ୍ୱୟମ ପଲାଇ ପରିବାର ଲୋକ ଏକ ଜରୁରୀ କଥା ପାଇଁ ଘରକୁ ଡାକିଥିଲେ । ଏପଟେ ହାପିର ମା ଘରେ ରୋଷେଇ କରି ପୁଅର ଫେରିବା ବାଟକୁ ଅନାଇ୍ୱସି ରହିଥିଲା । ହେଲେ କିଛି ଘଂଟା ପରେ ହାପିର ମା ଓ ୨ଭଉଣୀ ଜାଣିବାକୁ ପାଇଥିଲେକି ହାପି ମୁନା ପଲାଇଙ୍କ ବାଡ଼ିରେ ଥିବା ଏକ ଗଛରେ ଫାସି ଲଗାଇ ଆତ୍ମହତ୍ୟା କରିଛି । ପରିବାର ଲୋକ ଗାଁ ଲୋକଙ୍କ ମାଧ୍ୟମରେ ହାପିକୁ ଉଦ୍ଧାର କରିବା ସହ ଗାଁ ଲୋକ ପଂଚାୟତ ମୁଖ୍ୱଙ୍କ ପରାମର୍ଶରେ ହାପିର ଡାକ୍ତର ମାଇନା ନକରାଇ ଶବ ସତ୍କାର କରିଦେଇଥିଲେ । ହେଲେ ହାପିର ମ୍ୱୋଇଲି ମୃତ୍ୟୁର ରହସ୍ୟ ଖୋଲିଥିଲା । ହାପି ଛୁଂଚା ପଲାଇ ର ଝିଅକୁ ଭଲ ପାଉଥିବାରୁ ମୁନା ପଲାଇର ପୁଅ ସ୍ୱୟମ ବାରମ୍ବାର ହାପିକୁ ମୋବାଇଲରେ ଧମକ ଦେବା ସହ ହ୍ୱାଟସପରେ ମେସେଜ ଦେଇଥିଲା । ତାହା ସହ ଗତ ୧୭ ତାରିଖ ମଧ୍ୟାହ୍ନ ସମୟରେ ଘରକୁ ଡାକି ନେଇ ହତ୍ୟା କରିଥିବା ପରିବାର ଲୋକ ଜାଣିବା ପରେ ହତ୍ୟା ଅଭିଯୋଗ ନେଇ ଆରଡି ଫାଣ୍ଡିରେ ଗତ ୨୧ ତାରିଖ ସଂଧ୍ୟାରେ ଦ୍ୱାରସ୍ଥ ହୋଇଥିଲେ । ହେଲେ ଆରଡି ଫାଣ୍ଡି ଅଧିକାରୀ ଏତଲା ରଖିନଥିଲେ । । ଏହି ଘଟଣାକୁ ନେଇ ଗତ ଗୁରୁ୍ୱାର ସଂଧ୍ୟାରେ ଷାଠିବାଙ୍କୁଡା ଗାଁର ଶତାଧିକ ମହିଳା ପୁରୁଷ ଆରଡି ଫାଣ୍ଡି ସମ୍ମୁଖରେ ନ୍ୟାୟ ଦେବା ଲାଗି ବସି ରହିଥିଲେ । ଅନ୍ୟପଟେ ମୁନା ପଲାଇ ଓ ତାଙ୍କ ପରିବାର ଲୋକ ଗାଁ ଛାଡି ଅନ୍ୟତ୍ର ପଳାଇଯାଇଥିବା ବିଶେଷ ସୂତ୍ରରୁ ଜଣା ପଡ଼ିଛି । ପରେ ପୋଲିସ ଏତଲା ରଖିବା ସହ ଛାନ୍ଭିନ ଅରମ୍ଭ କରିଛି ।

# ଜିଲ୍ଲାସ୍ତରୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ -୨୦୨୬ ଅନୁଷ୍ଠିତ

କଟକ (ନି. ପ୍ର.) ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଆଜି ଜିଲ୍ଲାସ୍ତରୀୟ 'ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ କାରବାର ନିରୋଧ ଦିବସ, ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ, ଏକ ନିଶା ମୁକ୍ତି ରଥ, ଶ୍ରୀ ଦିବ୍ୟୋଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପ-ଜିଲ୍ଲାପାଳ, ସଦର କଟକ ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା । ଏହା ପରେ ଜିଲ୍ଲାପାଳଙ୍କ ନୂତନ ସଭାଗୃହରେ ନିଶାରୁ ମୁକ୍ତି ନିମନ୍ତେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାରେ କାର୍ଯ୍ୟରତ ଚାରିଗୋଟି ନିଶାମୁକ୍ତି କେନ୍ଦ୍ରର ଅନ୍ତେବାସୀ ଯଥା: ଚରଉଟଉ, ଉବଷବକ୍ଷସବଭବଶ / ଗ୍ରାମ୍ୟ ସହାୟ, ହରିରାଜପୁର / ଙକଠଓଇ, ମଧୁପୁରିଆ / ଘଓଉଉଉ, ଈବଭଳସ / ପରିବର୍ତନ, ଚୌଦ୍ୱାର ଏବଂ ଅବକାରୀ ବିଭାଗ ଓ ପ୍ରଜାପିତା ବ୍ରହ୍ମ ।କୁମାରୀ ଝାଞ୍ଜିରମଙ୍ଗଳାର ସଦସ୍ୟ ବୃନ୍ଦ ଉକ୍ତ ସଭାରେ ଭାଗ ନେଇଥିଲେ । ଭେଷଜ ବିଶେଷଜ୍ଞ ଡାକ୍ତର ପ୍ରଫେସର ଜୟନ୍ତ କୁମାର ପଣ୍ଡା, ବ୍ରହ୍ମ କୁମାରୀର ଗୀତା ଭଉଣୀ, ଅବକାରୀ ଅଧୀକ୍ଷକ, କଟକ କରୁଣାକର ସିଂହ ତିୱାରୀ,ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ମନୋଜ କୁମାର ରଥ, ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କଟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରି ସଭାକାର୍ଯ୍ୟ ପରିଚାଳନା କରିଥିଲେ । ତତ୍ ସହିତ ନିଶାରୁ ମୁକ୍ତି ରହିବା ନିମନ୍ତେ ଏକ 'ଶପଥ ପାଠ' ଗ୍ରହଣ କରାଯାଇଥିଲା ।



ଏହାପରେ 'ରକ୍ତ ଚରିତ୍ର' ନାମରେ, ଏକ ନୃତ୍ୟ ପରିବର୍ତନ ନିଶାମୁକ୍ତି କେନ୍ଦ୍ର, ଚୌଦ୍ୱାର ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ସର୍ବଶେଷରେ ଅବକାରୀ ବିଭାଗରେ କାର୍ଯ୍ୟରତ ଶ୍ରୀ କମଳ ଲୋଚନ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ନାନ ଯାତ୍ରା ଓ ରଥଯାତ୍ରା ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ କଲେ ଦଇତାପତି



ପୁରୀ : ଆଜି ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଦଇତାପତିମାନେ ଆଜିଠାରୁ ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି । ପ୍ରାୟ ଏକମାସ ଧରି ଦଇତାପତିମାନେ ମହାପ୍ରଭୁଙ୍କ ସେବା ନୀତି ଓ ଶ୍ରୀଅଙ୍ଗ ସୁରକ୍ଷା ଦାୟିତ୍ୱରେ ରହିବେ । ଆଜି ସଂଧ୍ୟା ଧୂପ ପରେ ଦଇତପତିମାନେ ମହାପ୍ରଭୁଙ୍କର ବାହୁଟକଂଟ ନୀତି କରିବେ । ଏହାସହ କୋଠସୁଆଁସିଆଁ ମାନେ ଚାରମାଳ ବାନ୍ଧିବେ । ଆସନ୍ତାକାଲି ଦଇତାପତି ମାନଙ୍କ ଦ୍ୱାରା ପାଟବସ୍ତ୍ର ଆଚ୍ଛାଦିତ କରାଯାଇ ସେନାପଟା ଲାଗି କରାଯିବ । ସ୍ନାନ ବେଦୀରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ମହଲରେ ପ୍ରବଳ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଇଛି । ଏବେଠାରୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ବଢୁଥିବା ବେଳେ ମହାପ୍ରଭୁଙ୍କ ଏହି ମାନବୀୟ ଲୀଳାରେ ସାମିଲ ହେବା ପାଇଁ ଭକ୍ତ, ସେବାୟତ ଓ ଗବେଷକ ମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଦଇତାସେବା ଏକ ପ୍ରମୁଖ ସେବା । ସେମାନେ ଦାରୁବ୍ରହ୍ମଙ୍କୁ ଆକୃତି ଦିଅନ୍ତି । ଅରୂପଙ୍କୁ ରୂପ ଦିଅନ୍ତି । ନିରାକାରଙ୍କୁ ଆକାର ଦିଅନ୍ତି । ଲୋକମୁଖରେ ଏମାନେ ମହାପ୍ରଭୁଙ୍କ ଭାଇବନ୍ଧୁ, ଜ୍ଞାତିକୁଟୁମ୍ବ କାରଣ ଏମାନେ ନବକଳେବର ଅବସରରେ ଶୁଦ୍ଧିକ୍ରିୟା ପାଳନ୍ତି । ମହାଅଣସର ବେଳେ ଘଟ ପରିବର୍ତ୍ତନ ତଥା ପୁରୁଣା ବିଗ୍ରହମାନେ ପାତାଳି ହେବା ପରେ ଏମାନଙ୍କ ଘରେ ଶୁଦ୍ଧି ପାଳନ ହୁଏ । ଏମାନେ ତେଲ ଲଗାଇ ମାର୍କଣ୍ଡ ତୀର୍ଥ ପୁଷ୍କରଣୀ ତୁଠରେ ସ୍ନାନ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ତିଳ ତର୍ପଣ ଦାନ କରନ୍ତି ।

# ବଙ୍ଗୋପସାଗରରେ ଚଳିତ ମୌସୁମୀ ଋତୁର ପ୍ରଥମ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପାଇଁ ପାଗ ଅନୁକୂଳ



ଭୁବନେଶ୍ୱର: ଓଡ଼ିଶାରେ ଚାତକ ଭଳି ବର୍ଷାକୁ ଚାହିଁ ରହିଥିବା ଚାଷୀକୂଳ ତଥା ରାଜ୍ୟବାସୀଙ୍କ ପାଇଁ ଆସିଛି ଏକ ଆଶ୍ୱସ୍ତିକର ଖବର । ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରୁ ରାଜ୍ୟରେ ବର୍ଷାର ପରିମାଣ ବ୍ୟାପକ ଭାବେ ବୃଦ୍ଧି ପାଇବାକୁ ଯାଉଛି । ବଙ୍ଗୋପସାଗରରେ ଚଳିତ ମୌସୁମୀ ଋତୁର ପ୍ରଥମ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ହେବାରେ ଲାଗିଛି, ଯାହା ପ୍ରଭାବରେ ସାରା ଓଡ଼ିଶାରେ ଦୁଇ ଦିନ ପରେ ପାଗ ବଦଳିବ ଏବଂ ବର୍ଷାର ନିର୍ଦ୍ଧୁମ ପ୍ରକୋପ ଦେଖିବାକୁ ମିଳିବ । ପାଣିପାଗ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁଙ୍କ ଆକଳନ ଅନୁଯାୟୀ, ଆସନ୍ତା ଜୁନ୍ ୩୦ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗର ଆକାଶରେ ଏକ ବଡ଼ଧରଣର ଘୂର୍ଣ୍ଣିବଳୟ ସକ୍ରିୟ ହେବ । ଏହା ଅଧିକ ଘନୀଭୂତ ହୋଇ ଆସନ୍ତା ଜୁଲାଇ ୨ ତାରିଖରେ ଏକ ସୁଦୃଶ୍ୟ ଲଘୁଚାପର ରୂପ ନେବ । ଉତ୍ତର ଓଡ଼ିଶା ସମେତ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହେବାକୁ ଥିବା ବାୟୁମଣ୍ଡଳର ପ୍ରଭାବ କ୍ରମଶଃ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ । ଏହାର ପ୍ରଭାବରେ ଜୁଲାଇ ୧ ତାରିଖରୁ ହିଁ ଓଡ଼ିଶାରେ ମେଘର ବିସ୍ତୃତି ବଢ଼ିବ ଏବଂ ପ୍ରଥମେ ଉତ୍ତର ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବର୍ଷା ଆରମ୍ଭ ହୋଇଯିବ । ଫଳରେ ସେହି ଅଂଚଳଗୁଡ଼ିକରେ ମଧ୍ୟ ଭଲ ବର୍ଷା ରେକର୍ଡ କରାଯିବ । ଅପରପକ୍ଷରେ, ବର୍ତ୍ତମାନ ସୁଦ୍ଧା ଦକ୍ଷିଣ ଓଡ଼ିଶା ଉପକୂଳ ନିକଟବର୍ତ୍ତୀ ବାୟୁମଣ୍ଡଳରେ ଆଉ ଏକ ସକ୍ରିୟ ଘୂର୍ଣ୍ଣିବଳୟ ରହିଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଜିଠାରୁ ହିଁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ମୋଟାମୋଟି ଭାବେ ଦେଖିବାକୁ ଗଲେ, ସମଗ୍ର ରାଜ୍ୟରେ ମୌସୁମୀ ବାୟୁ ଏବେ ବେଶ୍ ସକ୍ରିୟ ହେବାରେ ଲାଗିଛି ।



# ସ୍ନାନ ପୂର୍ଣ୍ଣମୀ ପାଇଁ କଡ଼ା ସୁରକ୍ଷା ବଳୟରେ ରହିବ ଶ୍ରୀକ୍ଷେତ୍ର, ମୂତୟନ ହେବେ ୭୯ ପ୍ଲାଟୁନ ଫୋର୍ସ




ପୁରୀ : ସ୍ନାନ ପୂର୍ଣ୍ଣମୀ ପାଇଁ ସମସ୍ତ ପ୍ରସ୍ତୁତି ସରିଛି । କଡା ସୁରକ୍ଷା ବଳୟ ଭିତରେ ରହିବ ଶ୍ରୀକ୍ଷେତ୍ର । କୁଇକ ରିଆକ୍ସନ ଟିମ୍, ଆଂଟି ସାବୋଟାଇଜ ଟିମ୍ ସହ ମୁତୟନ ହେବ ୭୯ ପ୍ଲାଟୁନ ଫୋର୍ସ । ତେବେ ମାର୍କେଟ ଛକ ପରେ ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ସବୁ ରାସ୍ତା ହେବ ନୋ ଭେଇକିଲ ଜୋନ । ଦେବସ୍ନାନ ପୂର୍ଣ୍ଣମା ପାଇଁ ସ୍ୱତନ୍ତ୍ର ପାର୍କିଂ ସ୍ଥାନ ସହ ଟ୍ରାଫିକ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ ହୋଇଛି । ଜୁନ ୨୯ ତାରିଖ ଅର୍ଥାତ୍ ସୋମବାର ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ । ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମାର୍କେଟ ଛକରୁ ଭକ୍ତ ବ୍ୟାରିକେଡ଼ରେ ପ୍ରବେଶ କରି ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଯିବେ । ସ୍ନାନମଣ୍ଡପ ତଳେ ପର୍ଯ୍ୟାୟ କ୍ରମେ ଦର୍ଶନ କରି କେବଳ ଉତ୍ତର ଦ୍ୱାର ଦେଇ ଫେରିବେ । କେବଳ ପରିମାଣିକ ଟିକେଟ ଧାରୀ ମାନେ ପହଣ୍ଡି ଦର୍ଶନ ପାଇଁ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ । ବ୍ୟାରିକେଡ଼ ବ୍ୟତୀତ ଶ୍ରଦ୍ଧାଳୁ ବଡ଼ଦାଣ୍ଡରେ ରହି ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଜଳ ଲାଗି ଓ ହାତୀ ବେଶ ଦେଖିପାରିବେ । କୌଣସି ସ୍ଥାନରେ ଶ୍ରଦ୍ଧାଳୁ ଛିଡା ହୋଇ ରହିବେ ନାହିଁ । ବଡ଼ଦାଣ୍ଡର ନିର୍ଦ୍ଧାରିତ ସ୍ଥାନରେ ଦୀପ ଲଗାଇବେ । ଶ୍ରୀମନ୍ଦିର ଭିତରେ ପହଣ୍ଡି, ଜଳ ଲାଗି, ହାତୀ ବେଶ, ଭକ୍ତ ଓ ଭିଆଇପିଙ୍କ ଦର୍ଶନ ପାଇଁ ୧୪ ଟି ସେକ୍ଟର କରାଯାଇଛି । ତେବେ ପ୍ରତି ସେକ୍ଟରରେ ଅଭିଜ୍ଞ ଓ ଦକ୍ଷ ପୋଲିସ ଅଧିକାରୀ ମୁତୟନ ରହିବେ । ସ୍ନାନ ମଣ୍ଡପ ତଳେ ଭିଡ ନିୟନ୍ତ୍ରଣ ପାଇଁ quick reaction team ,spl tactical unit, clearance party ମୁତୟନ କରାଯାଇଛି ବୋଲି କହିଛନ୍ତି ପୁରୀ ଏସପି ପ୍ରତୀକ ସିଂହ । ଶ୍ରୀମନ୍ଦିର ଭିତରେ ୧୫୨ ଟି, ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୨୫୦ ଟି ଓ ବଡ଼ଦାଣ୍ଡରେ ମାର୍କେଟ ଛକ ପର୍ଯ୍ୟନ୍ତ ୩୦ ଟି ସିସିଟିଭି କ୍ୟାମେରା ମାଧ୍ୟମରେ ଭିଡ ନିୟନ୍ତ୍ରଣ, ଭକ୍ତଙ୍କ ଦର୍ଶନ, ଟ୍ରାଫିକ ସୁପରିଚାଳନା କରାଯିବ । ବାଗେଡିଆ ଧର୍ମଶାଳା ପରିସରରେ ସିସିଟିଭି ନିୟନ୍ତ୍ରଣ କକ୍ଷ, ସଭଖ୍ୱର-ଶକ୍ସବଖ୍ୱରୟ ମକ୍ଟଙ୍କଙ୍କବଭୟ ମକ୍ଟଭଖ୍ୱକ୍ସକ୍ଟକ୍ଷ ମରଭଖ୍ୱକ୍ସର କରାଯାଇଛି । ସ୍ନାନ ଯାତ୍ରା ପାଇଁ ୪ ଜଣ ଏସପି ତଥା କମାଣ୍ଡାଂଟ ପାହ୍ୟାର ଅଧିକାରୀ, ୧୪ ଜଣ ଅତିରିକ୍ତ ଏସପି, ୮୩ ଇନ୍ସପେକ୍ଟର, ୩୪୦ ଜଣ ସବ ଇନ୍ସପେକ୍ଟର ଏବଂ ଏଏସଆଇଙ୍କୁ ନିୟୋଜିତ ରହିବେ । ବିଶେଷ କରି ଶ୍ରୀମନ୍ଦିର ଭିତରେ ସୁରକ୍ଷା ଓ ଭିଡ ନିୟନ୍ତ୍ରଣ ପାଇଁ ଜଣେ ଏସପି ତଥା କମାଣ୍ଡାଂଟ ପାହ୍ୟାର ଅଧିକାରୀ, ୬ ଜଣ ଅତିରିକ୍ତ ଏସପି ବା ଡେପୁଟି କମାଣ୍ଡାଂଟ, ୨୭ ଜଣ ଇନ୍ସପେକ୍ଟର, ୧୦୫ ଜଣ ଏସଆଇ ବା ଏଏସଆଇ ଓ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ । ପୋଲିସ ପକ୍ଷରୁ ଟ୍ରାଫିକ ସୁପରିଚାଳନା ସହିତ ପାର୍କିଂ ସ୍ଥଳ ପରିଚାଳନା, ଜରୁରୀକାଳୀନ ସେବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସ୍ନାନ ଯାତ୍ରା ପାଇଁ ଯାନବାହାନ ଚଳାଚଳ ଉପରେ କଟକଣା ଜାରୀ କରାଯାଇଛି । ବାହାର ରାଜ୍ୟରୁ ଆସୁଥିବା ସମସ୍ତ ଟୁରିଷ୍ଟ ବସ୍ ମାଳତିପାଟପୁରରେ ପାର୍କିଂ କରିବ ।ଭୁବନେଶ୍ୱର ପଟୁ ଆସୁଥିବା ଯାତ୍ରୀବାହୀ ବସ ବସଷ୍ଟାଣ୍ଡରେ, କୋଣାର୍କ ପଟୁ ଆସୁଥିବା ବସ୍ ବସଷ୍ଟାଣ୍ଡରେ, ବ୍ରହ୍ମଗିରି ପଟୁ ଆସୁଥିବା ବସ୍ ବସଷ୍ଟାଣ୍ଡରେ ପାର୍କିଂ କରିବ ।ମାର୍କେଟ ଛକ ପରେ ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ସବୁ ରାସ୍ତା ହେବ ନୋ ଭେଇକିଲ ଜୋନ । ପୁରୀ ରେଳଷ୍ଟେସନରେ ମଧ୍ୟ ଯାତ୍ରୀଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ରେଳଷ୍ଟେସନ ଭିତରେ ଓ ବାହାରେ ୩ ଜଣ ଡିଏସପି, ୪ ଜଣ ଇନ୍ସପେକ୍ଟର, ୫୦ ଜଣ ଏସଆଇ ଓ ଏଏସଆଇ, ୬ ସେକ୍ସନ ଫୋର୍ସ ସହ ୪ ପ୍ଲାଟୁନ ଓଏସଏପି ମୁତୟନ ହେବେ ।

# ଓଡ଼ିଶା ପୋଲିସକୁ ପ୍ରେସିଡେଣ୍ଟସ୍ କଲର ସମ୍ମାନ ପ୍ରଦାନ କରିବେ ଅମିତ ଶାହ



ଭୁବନେଶ୍ୱର: ଓଡ଼ିଶା ପୋଲିସ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଆସିବାକୁ ଯାଉଛି । ଦେଶର ଅନ୍ୟତମ ସର୍ବୋଚ୍ଚ ପୋଲିସ ସମ୍ମାନ 'ପ୍ରେସିଡେଣ୍ଟସ୍ କଲର' (President's Colour) ରେ ଓଡ଼ିଶା ପୋଲିସକୁ ସମ୍ମାନିତ କରାଯିବ । ଆସନ୍ତା ଜୁଲାଇ ୫ ତାରିଖରେ ଭୁବନେଶ୍ୱରସ୍ଥିତ ୭ମ ବାଟାଲିଅନ୍ ପଡ଼ିଆରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ସମ୍ମାନ ପ୍ରଦାନ କରିବେ । ଦୀର୍ଘ ବର୍ଷ ଧରି ଆଇନ-ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ, ବାମପନ୍ଥୀ ଉଗ୍ରବାଦ ମୁକାବିଲା, ବିପର୍ଯ୍ୟୟ ସମୟରେ ଜନସେବା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ପୋଲିସର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଉଛି । 'ପ୍ରେସିଡେଣ୍ଟସ୍ କଲର' ହେଉଛି କୌଣସି ପୋଲିସ ବା ସଶସ୍ତ୍ର ବାହିନୀ ପାଇଁ ସର୍ବୋଚ୍ଚ ସମ୍ମାନ ମଧ୍ୟରୁ ଅନ୍ୟତମ । ଦୀର୍ଘକାଳୀନ ନିଷ୍ଠାପୂର୍ଣ୍ଣ ସେବା, ବୃତିଗତ ଦକ୍ଷତା, ଶୃଙ୍ଖଳା ଏବଂ ଜାତୀୟ ସେବାରେ ବିଶେଷ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଏ । ସମାରୋହରେ ଓଡ଼ିଶା ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ (ଡିଏଚ), ବରିଷ୍ଠ ପୋଲିସ ଅଧିକାରୀ ଏବଂ ବିଭିନ୍ନ ବାହିନୀର ପ୍ରତିନିଧିମାନେ ଉପସ୍ଥିତ ରହିବେ । ଏହି ଅବସରରେ ଏକ ଭବ୍ୟ ପରେଡ୍‌ର ମଧ୍ୟ ଆୟୋଜନ କରାଯିବ ।

# ଏମଏସଏମଇ କେବଳ ଉଦ୍ୟୋଗ ନୁହେଁ ବରଂ ଆତ୍ମନିର୍ଭର ଭାରତର ନିର୍ମାତା : ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ବିଶ୍ୱ ଏମଏସଏମଇ ଦିବସରେ ଏମଏସଏମଇ କେବଳ ଉଦ୍ୟୋଗ ନୁହେଁ ବରଂ ଆତ୍ମନିର୍ଭର ଭାରତର ନିର୍ମାତା ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ସେ କହିଛନ୍ତି ଯେ, ବିଶ୍ୱ ଏମଏସଏମଇ ଦିବସରେ, ଭାରତର ଅର୍ଥନୀତିର ମେରୁଦଣ୍ଡ ସ୍ୱରୂପ ଲକ୍ଷ ଲକ୍ଷ ଉଦ୍ୟୋଗୀ, କାରିଗର ଏବଂ ନବସୃଜନକାରୀଙ୍କ ଅଦମ୍ୟ ସାହସ, ଦୂରଦୃଷ୍ଟି ଓ ଅବଦାନକୁ ମୁଁ ହୃଦୟର ଗଭୀରତମ ସମ୍ମାନ ଜଣାଉଛି । ଆମର ଏମଏସଏମଇଗୁଡ଼ିକ କେବଳ ଉଦ୍ୟୋଗ ନୁହେଁ—ସେମାନେ ଆତ୍ମନିର୍ଭର ଭାରତର ନିର୍ମାତା, ନବସୃଜନର ପ୍ରେରଣାଶକ୍ତି ଏବଂ ସମାବେଶୀ ବିକାଶର ଜୀବନରେଖା । ସେମାନଙ୍କର ଏହି ଉଦ୍ୟମୀ ମନୋଭାବ ଓ ଅଦମ୍ୟ ସଂକଳ୍ପ ଆହୁରି ଏକ ସଶକ୍ତ, ସମୃଦ୍ଧ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗୀ ଭାରତ ଗଢ଼ିବାରେ ନିରନ୍ତର ପ୍ରେରଣା ଯୋଗାଉ ।

# ଓଡ଼ିଶାରେ ଆୟୋଜିତ ହେବ ଗଜପତି ଦିବସ

ଭୁବନେଶ୍ୱର : ୨୯ ଜୁନ୍ ୧୪୩୫ ମସିହାରେ କୃତିବାସ କଟକଠାରେ ଗଜପତି କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ହୋଇଥିଲା । ପରବର୍ତ୍ତୀ ସମୟରେ ତାଙ୍କ ସାମ୍ରାଜ୍ୟ କାଶୀଠାରୁ ରାମେଶ୍ୱରମ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ଏହି ଗୌରବମୟ ଇତିହାସର ୬ ଶତାବ୍ଦୀ ପରେ, ଓଡ଼ିଶାର ସେହି ମହାନ ସୂର୍ଯ୍ୟବଂଶୀ ସାମ୍ରାଜ୍ୟର ପ୍ରତିଷ୍ଠାତା ଓ ତାଙ୍କର ବୀରତ୍ୱକୁ ମନେ ପକାଇବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟରେ ବିୟଣ୍ଡ ହେରିଟେଜ୍ ଟ୍ରଷ୍ଟ, ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଆସନ୍ତା ୨୯ ଜୁନ୍ ୨୦୨୬ (ସୋମବାର) ପ୍ରାତଃ ୧୦ ଘଟିକା ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍.କେ.ସି.ଜି. ପ୍ରେକ୍ଷାଳୟଠାରେ 'ଗଜପତି ଦିବସ ' ସମାରୋହ ଅନୁଷ୍ଠିତ ହେବ । ଏହି ଭବ୍ୟ ସମାରୋହରେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

# ନବରଙ୍ଗପୁରରେ ବିଭିନ୍ନସଡ଼କ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର : ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ



ନବରଙ୍ଗପୁର ଜିଲ୍ଲାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଅଂଚଳର ଯାତାୟାତ ବ୍ୟବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିବା ସହ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ବିକାଶକୁ ଗତି ମିଳିବ । ସାମାଜିକ ଗଣମାଧ୍ୟମରେ ମନ୍ତ୍ରୀ ଦେଇଥିବା ସୂଚନା ଅନୁଯାୟୀ, ରାଇଘର ବ୍ଲକର ଏଲ-୦୪୩ ପି.ଏଲ୍. ରାସ୍ତାଠାରୁ ଦେଉଳପାରା ପର୍ଯ୍ୟନ୍ତ ସଡ଼କର ଉନ୍ନତିକରଣ ପାଇଁ ଶୁଭ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ୧୨୨.୮୯ ଲକ୍ଷ ଟଙ୍କା ବ୍ୟୟରେ ଏହି ସଡ଼କ ନିର୍ମାଣ କରାଯିବ । ଦୀର୍ଘଦିନ ଧରି ସ୍ଥାନୀୟ ଲୋକମାନେ ଏହି ରାସ୍ତାର ଉନ୍ନତିକରଣ ପାଇଁ ଅପେକ୍ଷା କରିଥିଲେ । କାର୍ଯ୍ୟ ଶେଷ ହେଲେ ଅଂଚଳବାସୀଙ୍କ ଗମନାଗମନ ଅଧିକ ସହଜ, ସୁବିଧାଜନକ ଓ ସୁଗମ ହେବ । ସେହିପରି ସିଏମଆରଏଲ (ଯୋଜନା ଅଧୀନରେ ଉମରକୋଟ ବ୍ଲକର ସୁଖିଗାଁ ଡିଏମକେ ଛକରୁ ଦୁରୁଆଗୁଡ଼ା ଓ ଜାମୁପାରା ଦେଇ ଛତିଶଗଡ଼ ସୀମା ଓଟେମୁଣ୍ଡା ପର୍ଯ୍ୟନ୍ତ ନୂତନ ସଡ଼କ ନିର୍ମାଣ ପାଇଁ ମଧ୍ୟ ଭିତିପ୍ରସ୍ତର ସ୍ଥାପନ ହୋଇଛି । ୩୩୧.୦୯ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ।

# ମିସ୍ ୟୁନିଭର୍ସ ଓଡ଼ିଶା ଟାଇଟଲ୍ ଜିତିଲେ ଓଡ଼ିଆ ଝିଅ ପୁନମ ମହାରଣା



ବ୍ରହ୍ମପୁର: ମିସ୍ ୟୁନିଭର୍ସ ଓଡ଼ିଶା ଟାଇଟଲ୍ ଜିତିଲେ ଓଡ଼ିଆ ଝିଅ ପୁନମ ମହାରଣା । ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ ବିଜୟୀ ମୁକୁଟ ପିନ୍ଧିଛନ୍ତି ୨୨ ବର୍ଷୀୟ ଗଞ୍ଜାମ ଝିଅ ପୁନମ । ସେ ଆଗାମୀ ଦିନରେ ଆୟୋଜିତ ହେବାକୁ ରହିଥିବା 'ଗସଖ୍ୱଖ୍ୱ ଟଭସଙ୍ଗରକ୍ସଖ୍ୱର ଓଭୟସବ ରସ-ଭବକ୍ଷଖ୍ୱ' ପ୍ରତିଯୋଗିତା ପାଇଁ ଓଡିଶାରୁ ଚୟନ ହୋଇଛନ୍ତି । ପୁନମ ମହାରଣା ବ୍ରହ୍ମପୁରର ଝିଅ । ବାପା ବିଭୁଦେନ୍ଦ୍ର ମହାରଣା ଏବଂ ମାଆ ସଙ୍ଗୀତା ମହାରଣାଙ୍କ ସେ ଏକମାତ୍ର କନ୍ୟା । ଭ.ଖ୍ୱରମଷ ସଭ ମକ୍ଟଙ୍କକ୍ଟଙ୍କଖ୍ୱରକ୍ସ ଖ୍ୱମସରଭମର ରେ ଶିକ୍ଷାଗତ ଯୋଗ୍ୟତା ହାସଲ କରିଛନ୍ତି । ଶିକ୍ଷା ଶେଷ କରିବା ପରେ ପୁନେ ଠାରେ ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି ପୁନମ୍ । ମିସ୍ ୟୁନିଭସ୍ ଓଡ଼ିଶା ତାଜ୍ ପିନ୍ଧିବା ପରେ ଏବେ ସେ ଜାତୀୟ ସ୍ତରରେ ଭାଗ ନେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ତେବେ ଏହି ସଫଳତା ହାସଲ କରି ନିଜ ପରିବାର ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ନେଇ ମୁଁ ଗର୍ବିତ । ନିଜ ପରିବାରର ବାପା ଓ ମାଆ ସହ ପରିବାର ବର୍ଗଙ୍କ ସମର୍ଥନ ମିଳିପାରିଥିବା ଯୋଗୁଁ ମୁଁ ଏଠାରେ ପହଁଚିପାରିଛି ବୋଲି କହିଛନ୍ତି ପୁନମ । ତାଙ୍କୁ ଯେତେବେଳେ ତାଙ୍କ ଚୟନ ପ୍ରକ୍ରିୟା ବିଷୟରେ ପଚାର ଯାଇଥିଲା ସେବେ ସେ କହିଥିଲେ ଯେ , ଅଡିସନ୍ ବେଳେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ରହିଥିବା ବେଳେ ପ୍ରତ୍ୟେକ ପ୍ରତିଯୋଗୀ ଜଣେ ଠାରୁ ଜଣେ ବଳିକି ଥିଲେ । ଜାତୀୟ ସ୍ତରରେ ଆୟୋଜିତ ହେବାକୁ ରହିଥିବା ପ୍ରତିଯୋଗିତାରେ ସମସ୍ତ ରାଜ୍ୟର ପ୍ରତିଯୋଗୀ ମାନେ ନିଜ ନିଜର ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବେ ।

# ଆସାମରେ ଭୂମିକମ୍ପ ଅନୁଭୂତ, ରିକ୍ଟର ସ୍କେଲରେ ତୀବ୍ରତା ୩.୪

ଗୁଓ୍ୱାହାଟୀ : ଆସାମରେ ଶନିବାର ପ୍ରଭାତରେ ମଧ୍ୟମ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି । ସକାଳ ୪ଟା ୫୧ ମିନିଟ ୧୬ ସେକେଣ୍ଡ ସମୟରେ ଏହି ଭୂମିକମ୍ପର ଝଟକା ଅନୁଭବ କରାଯାଇଥିଲା । ଭାରତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁସାରେ, ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୩.୪ ମାପାଯାଇଛି । ଏହାର କେନ୍ଦ୍ରସ୍ଥଳ ଅସମର କଛାର ଜିଲ୍ଲାରେ ଭୂପୃଷ୍ଠରୁ ପ୍ରାୟ ୪୨ କିଲୋମିଟର ଗଭୀରରେ ଥିଲା । ଭୂମିକମ୍ପର ଏପିସେଂଟର ୨୪.୯୪୦ ଉତ୍ତର ଅକ୍ଷାଂଶ ଏବଂ ୯୨.୫୬୨ ପୂର୍ବ ଦ୍ରାଘିମାରେ ରେକର୍ଡ କରାଯାଇଛି । ଭୂମିକମ୍ପର ଝଟକା ଅନୁଭୂତ ହେବାମାତ୍ରେ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ । ତେବେ ଆଶ୍ୱସ୍ତିର ବିଷୟ ହେଉଛି, ଏପର୍ଯ୍ୟନ୍ତ କୌଣସି ପ୍ରକାରର ଜୀବନହାନି କିମ୍ବା ସମ୍ପତି କ୍ଷୟକ୍ଷତିର ଖବର ମିଳିନାହିଁ । ପ୍ରଶାସନ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ସାଧାରଣ ଲୋକଙ୍କୁ ସତର୍କ ରହିବା ପାଇଁ ଅନୁରୋଧ କରିଛି ।







# ମହାନଦୀ ଟ୍ରିବ୍ୟୁନାଲରେ ରିପୋର୍ଟ ଦାଖଲ କଲେ ବୈଷୟିକ ଟିମ୍, ଜୁଲାଇ ୧୧ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର : ଖୁବ୍ ଶୀଘ୍ର ମହାନଦୀ ଜଳ କଳି ସମାଧାନ ହେବ । ଦୀର୍ଘଦିନ ଧରି ମହାନଦୀ ପାଣିକୁ ନେଇ ଓଡିଶା ଏବଂ ଛତିଶଗଡ ମଧ୍ୟରେ



ଚାଲିଥିବା କନ୍ଦଳର ଅନ୍ତ ଘଟିବ । ଏହାସହ ଦୁଇ ରାଜ୍ୟ ମଧ୍ୟରେ ସଚିବସ୍ତରୀୟ ବୈଠକ ବସିବା ନେଇ ସୂଚନା ଦେଇଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ । ଆଜି ଟ୍ରିବ୍ୟୁନାଲରେ ରିପୋର୍ଟ ଦାଖଲ କରିଛନ୍ତି ଯୁଗ୍ମ ବୈଷୟିକ ଟିମ୍ । ଆଗାମୀ ଦିନରେ ଦୁଇ ରାଜ୍ୟ ଭିତରେ ସଚିବସ୍ତରୀୟ ବୈଠକ ହେବ । ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ୨ ରାଜ୍ୟ ମଧ୍ୟରେ ସମାଧାନର ବାଟ ଧୀରେ ଧୀରେ ପ୍ରଶସ୍ତ ହେଉଥିବା ନେଇ ସଂକେତ ମିଳିଛି । ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ଆସନ୍ତା ଜୁଲାଇ ୧୧ରେ ମହାନଦୀ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରିବେ ଟ୍ରିବ୍ୟୁନାଲ । ଜଳବଂଟନ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଜାତୀୟ ଜଳନୀତିକୁ ଆଧାର କରି ଚୂଡ଼ାନ୍ତ ନିଷ୍ପତି ନିଆଯିବ ବୋଲି କୁହାଯାଇଛି । ଆଗାମୀ ପର୍ଯ୍ୟାୟରେ ଦୁଇ ରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

# ୨୦୨୮ ଟି-୨୦ ବିଶ୍ୱକପ୍ : ୯ଟି ଟିମ୍ ଯୋଗ୍ୟତା ହାସଲ କଲେ



ନୂଆଦିଲ୍ଲୀ: ଚଳିତ ମହିଳା ଟି୨୦ ବିଶ୍ୱକପରେ ରୋମାଂଚ ଭରିବାରେ ଲାଗିଛି । ଇତି ମଧ୍ୟରେ ୨୦୨୮ ଟି୨୦ ବିଶ୍ୱକପ ପାଇଁ ୯ଟି ଟିମ ଯୋଗ୍ୟତା ହାସଲ କରିଛନ୍ତି । ଏଥିରେ ଭାରତ ଓ ପାକିସ୍ତାନ ପରି ଟିମ ରହିଛନ୍ତି । ଆୟୋଜକ ହେବା ଯୋଗୁ ପାକିସ୍ତାନ ପ୍ରଥମରୁ ଯୋଗ୍ୟତା ହାସଲ କରି ସାରିଥିଲା । ଚଳିତ ବିଶ୍ୱକପରେ ୧୨ଟି ଟିମ ଅଂଶଗ୍ରହଣ କରୁଛନ୍ତି । ୨ଟି ଗ୍ରୁପର ପ୍ରଥମ ୪ଟି ସ୍ଥାନରେ ରହିଥିବା ଦଳ ସିଧାସଳଖ ପରବର୍ତ୍ତୀ ସଂସ୍କରଣ ପାଇଁ ଯୋଗ୍ୟତା ହାସଲ କରିବେ । ପାକିସ୍ତାନ ୫ମ ସ୍ଥାନରେ ରହିଥିଲେ ମଧ୍ୟ ଆୟୋଜକ ହେବା ଯୋଗୁ ଫାଇଦାରେ ରହିଛି । ଅନ୍ୟ ୮ଟି ଟିମ ହେଲା ଇଂଲଣ୍ଡ, ଓ୍ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଭାରତ, ଅଷ୍ଟ୍ରେଲିଆ, ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି । ୧୦ମ ଟିମର ନାମ ଜୁଲାଇ ୬ରେ ଜଣାପଡିବ । ଏହା ଆଇସିସି ର ?ୟାଙ୍କିଙ୍ଗକୁ ଆଧାର କରି କରାଯିବ । ସ୍କଟଲାଣ୍ଡ ନିକଟରେ ସୁଯୋଗ ଥିଲେ ମଧ୍ୟ ଶ୍ରୀଲଙ୍କାଠାରୁ ହାରିବା ସେମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ବାକି ଟିମ ଯୋଗ୍ୟତା ଭିତିରେ ପ୍ରବେଶ କରିବେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**